Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 236
Tuesday, 3 November 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୩ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଉଁଠି ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ




ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା: ଜେଲ୍ ଗଲେ ବିଦ୍ୟାଭାରତୀ



ପାରଳାଖେମୁଣ୍ଡି, ୨/୧୧ (ଆ.ପ୍ର) : ପାଞ୍ଚ ବର୍ଷ ଧରି ଭାଜ୍ୟବ୍ୟାପୀ ତର୍ଜାରେ ଥିବା ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । କୋର୍ଟ ଜାମିନ ଆବେଦନକୁ ଖାରଜ କରିବା ପରେ ତାଙ୍କୁ ୧୩ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ବିଦ୍ୟାଭାରତୀଙ୍କ ଓକିଲ ଶିଶିର କୁମାର ଜେନାଙ୍କ ସୂଚନାନୁସାରେ, ହାଇକୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସୋମବାର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ବିଦ୍ୟାଭାରତୀ ଆତ୍ମସମର୍ପଣ କରିଥିଲେ । ଏଥିପରେ ବିଦ୍ୟାଭାରତୀଙ୍କୁ ନିୟମିତ ଜାମିନ ଆବେଦନ ନାମଞ୍ଜୁର କରି କୋର୍ଟ ତାଙ୍କୁ ୧୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି । ଏହାପରେ ପୁଲିସ ହେପାଜତରେ ତାଙ୍କୁ ପାରଳାଖେମୁଣ୍ଡି ଉପ କାରାଗାରକୁ ନିଆଯାଇଛି । ଏହି ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ତତ୍କାଳୀନ ବିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ଗୋଷ୍ଠେୟା ମଝୁଆ କୁମ୍ଭ ମଧ୍ୟ ଏହି କାରାଗାରରେ ଅଛନ୍ତି । ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ମାସରେ ପାରଳାଖେମୁଣ୍ଡିରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ଶରୀରରେ ନିଆଁ ଲାଗିଥିବା ପରେ ସେ ଗୁରୁତର ହୋଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ପାରଳାଖେମୁଣ୍ଡି ଥାନାରେ ହତ୍ୟା ଓ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଥିଲା । ପରେ ତତ୍କାଳ ବାରିପଦା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ହସ୍ତାନ୍ତରରେ ଗୋଷ୍ଠେୟା ମଝୁଆ କୁମ୍ଭ ଓ ବିଦ୍ୟାଭାରତୀଙ୍କ ବିରୋଧରେ ଆଇପିସି ଧାରା ୨୮୫ ଓ ୩୦୪-ଏ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରିଥିଲା । ତତ୍କାଳୀନ ବିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ଗୋଷ୍ଠେୟା ମଝୁଆ କୁମ୍ଭଙ୍କୁ ଏଥିରେ ଅଭିଯୁକ୍ତ କରାଯାଇ ନଥିଲା । ତେବେ କ୍ରାଇମସ୍ପଟର ତଦନ୍ତ ଓ ଅଭିଯୋଗପତ୍ରକୁ ନେଇ ଅଡ଼ୁଣ୍ଟେଶ ପ୍ରକାଶ କରି ସୌମ୍ୟରଞ୍ଜନଙ୍କ ବାପା ଅରିତାମ ମହାପାତ୍ର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ପ୍ରତିବାଦ ପିଟିସନ୍ ଦାଖଲ କରିଥିଲେ । ଏହାର ଶୁଣାଣି କରି ଅଦାଲତ ୨୦୨୩ ଏପ୍ରିଲ ୧୨ ତାରିଖରେ ବିଦ୍ୟାଭାରତୀଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଧାରା ୩୦୨ ଓ ୧୨୦-ବି ଅନୁଯାୟୀ ସଂଜ୍ଞାନ ଗ୍ରହଣ କରିଥିଲେ । ଏହି ଆଦେଶକୁ ବିଦ୍ୟାଭାରତୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ୨୦୨୫ ଜୁଲାଇ ୩ ତାରିଖରେ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ । ଏହାସହ ନିମ୍ନ ଅଦାଲତରେ ଦିଆଯାଇଥିବା ଆଦେଶକୁ ଖାରଜ କରିଥିଲେ । ଏଥିପରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜରାରୁ ଛାଡ଼ ପାଇଁ ବିଦ୍ୟାଭାରତୀ କରିଥିବା ଆବେଦନ ଖାରଜ ହୋଇଥିଲା । ଏହାକୁ ହାଇକୋର୍ଟ ୨୦୨୫ ସେପ୍ଟେମ୍ବର ୩ ତାରିଖରେ କାଏମ କରିଥିଲେ । ପରେ ସୁପ୍ରିମକୋର୍ଟରେ ମଧ୍ୟ ତାଙ୍କ ଆବେଦନ ଖାରଜ ହୋଇଥିଲା । ତେବେ ଆଜୁଆ ଜାମିନ ପାଇଁ ଆବେଦନ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା । ଏହାପରେ ବିଦ୍ୟାଭାରତୀ ହାଇକୋର୍ଟରେ ଆଜୁଆ ଜାମିନ ଆବେଦନ କରିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଗତ ୩୧ ତାରିଖରେ ହାଇକୋର୍ଟ ତାଙ୍କ ଆବେଦନ ଖାରଜ କରିଥିଲେ । ଅନ୍ୟପକ୍ଷରେ ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ସଂଗ୍ରାମ କେଶରୀ ବେହେରା ଓ ମନୁଥ କୁମ୍ଭଙ୍କ ଆଜୁଆ ଜାମିନ ଆବେଦନ ମଧ୍ୟ ପୂର୍ବରୁ ହାଇକୋର୍ଟରେ ଖାରଜ ହୋଇଥିଲା । ପରେ ଉଭୟେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିଥିଲେ । ସେମାନଙ୍କ ନିୟମିତ ଜାମିନ ଆବେଦନ ନାମଞ୍ଜୁର ହେତୁରୁ ଉଭୟେ ପାରଳାଖେମୁଣ୍ଡି ଜାଜିଗାରରେ ଅଛନ୍ତି । ଏବେ ବିଦ୍ୟାଭାରତୀ ମଧ୍ୟ ସେହି କାରାଗାରରୁ ଯିବା ପରେ ମାମଲାର ତିନି ଅଭିଯୁକ୍ତ ଗୋଟିଏ ଜେଲ୍‌ରେ ରହିଛନ୍ତି ।

ଭୀଷଣ ବାତ୍ୟାରେ ପରିଣତ ହେଲା ମୁରାସୁ



ଭୁବନେଶ୍ୱର, ୨/୧୧ (ଆ.ପ୍ର) : ଭୀଷଣ ବାତ୍ୟାରେ ପରିଣତ ହେଲା 'ମୁରାସୁ' । ୨୦କିମି ବେଗରେ ଆଗକୁ ବଢୁଛି ଭୀଷଣ ବାତ୍ୟା । ଚେନ୍ନାଇ ଠାରୁ ୨୬୦କିମି ଏବଂ ବିଶାଖାପାଟଣମ ଠାରୁ ୪୬୦କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି ବାତ୍ୟା । ବର୍ତ୍ତମାନ ବାତ୍ୟାର କେନ୍ଦ୍ର ନିକଟରେ ପବନର ବେଗ ୯୦ ରୁ ୧୦୦କିମି ସର୍ବାଧିକ ୧୦୦କିମି ପ୍ରବାହିତ ହେଉଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ତୀବ୍ର ବୃଷ୍ଟିପାତ ଜାରି ରହିଛି । ଏହି ସୂଚନା ଗୋପାଳପୁର ରାଡାର ଜରିଆରେ ଜଣାଯାଇଛି ।୬ ଦିନ ତଳେ ଅତି ଭୀଷଣ ବାତ୍ୟା ଅର୍ଥର ମାଡ଼ରେ ଆଭାମାନ୍ତା ଆନ୍ଧ୍ର ପ୍ରଦେଶ, ଅଂଟା ସଙ୍ଗଶ୍ଚ ଜିଲ୍ଲା ହେବା ପୂର୍ବରୁ ପୁଣିଥରେ ସାମ୍ପ୍ରତି କରିବାକୁ ଯାଉଛି ଆଉ ଏକ ବାତ୍ୟାକୁ । ଭୀଷଣ ବାତ୍ୟା ମୁରାସୁ ଉପକୂଳରେ ଯେତିକି ନିକଟତର ହେଉଛି, ବର୍ଷା ପରିମାଣ ଓ ପବନର ଗତି ସେତିକି ତୀବ୍ର ହେଉଛି । ବାତ୍ୟା ଆସିବା ପୂର୍ବରୁ ଆନ୍ଧ୍ର ପ୍ରଦେଶ ନେଲୋର୍ ନିକଟ ସମୁଦ୍ରରେ ଜଟିଳାଣି ବଢ଼ ବଢ଼ ହେଉ । ହୋଇଲାଣି ଗଣ୍ଡପ୍ରତ୍ର । ତଙ୍କା ସବୁ କୂଳରେ ବାନ୍ଧି ନିରାପଦ ସ୍ଥାନକୁ ଚାଲି ଯାଇଛନ୍ତି ମତ୍ସ୍ୟଜୀବୀ । ଆଇଏମଡି ତିନି ପ୍ରକାର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ, ମୁରାସୁ ଏକ ସିରିୟର୍ ସାଇକ୍ଲୋନିକ୍ ଷ୍ଟର୍ମ ରୂପରେ ଆନ୍ଧ୍ରର ନେଲୋର୍ ଓ ନର୍ସାପୁର ମଧ୍ୟରେ, ଅଙ୍ଗୋଲର ଦକ୍ଷିଣରେ ସ୍ଥଳଭାଗକୁ ଅତିକ୍ରମ କରିବ । ସେତେବେଳକୁ ପବନ ବେଗ ଘଂଟା ପ୍ରତି ୧୦୦ରୁ ୧୧୦ କିମି, ଆଉ ଝଟକା ପବନ ୧୨୦ କିମି ରହିବାର ସମ୍ଭାବନା ରହିଛି । ଏଥିପରେ ପୂର୍ବୋତ୍ତରୀୟ ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ବୋଲି ଆକଳନ କରାଯାଇଛି । ବାତ୍ୟା ପ୍ରଭାବରେ ଆନ୍ଧ୍ରକୁ ଲାଗି ରହିଥିବା ଓଡ଼ିଶାର ଜିଲ୍ଲାଗୁଡ଼ିକରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବ । ଝଟକ ପବନ ୭୦ କିଲୋମିଟର ପର୍ଯ୍ୟନ୍ତ ଛୁଇଁପାରେ । ବାତ୍ୟା ମୁରାସୁ ପ୍ରଭାବରେ ପଶ୍ଚିମ ଓଡ଼ିଶା ସମେତ ଉପକୂଳ ଜିଲ୍ଲାଗୁଡ଼ିକରେ ପାଗ ମୋସୁମ୍ବା ଉଦ୍ଭବ ସହିତ ବର୍ଷା ମଧ୍ୟ ଆରମ୍ଭ ହୋଇଯାଇଛି । ଆସନ୍ତାକାଲିଠାରୁ ଏହି ପରିମାଣ ବଢ଼ିବ । କାଲି ପାଇଁ ଗଞ୍ଜାମ, ଗଜପତି, ଗାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ସମେତ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ପବନର ବେଗ ଝଟକା ପବନ ୬୦ କିଲୋମିଟର ପର୍ଯ୍ୟନ୍ତ ବଢିପାରେ । ସେହିପରି ଆସନ୍ତା ୪ ତାରିଖ ପାଇଁ ମଧ୍ୟ ୧୬ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ ।

ବିଦେଶୀ ସହାୟତାରେ ମୋଦୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି: ରାହୁଲ



ନୂଆଦିଲ୍ଲୀ, ୨/୧୧ (ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟ ଗସ୍ତ ସମୟରେ ବିରୋଧୀଙ୍କୁ କରିଥିବା ଆକ୍ରମଣର ଜବାବ ଦେଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେ ଖୋଲା ଚିଠିଟି ପାଇଁ ଅଦ୍ଭୁତ ଦେଇଛନ୍ତି । ଏଥିରେ ବିଦେଶୀ ସହାୟତାରେ ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିବା ଏବଂ ସେହି ସହାୟତା ଜରିଆରେ ଏବେ ମଧ୍ୟ କ୍ଷମତାରେ ରହିଥିବା ରାହୁଲ ଅଭିଯୋଗ କରିଛନ୍ତି । ଦେଶର ଆର୍ଥିକ ବାଣ୍ଟଛା ବିଦେଶୀଙ୍କ ନିୟନ୍ତ୍ରଣ ଓ ସହାୟତାରେ ଚାଲୁଥିବା ଏବଂ ବିଦେଶୀ ସାମାଜିକ ଗଣମାଧ୍ୟମ ମୋଦୀଙ୍କୁ ସମର୍ଥନ କରୁଥିବା ସେ କହିଛନ୍ତି । ସୋମବାର ସାମାଜିକ ଗଣମାଧ୍ୟମ 'ଏକ୍'ରେ ଏକ ପୋଷ୍ଟ କରି ରାହୁଲ ଲେଖିଛନ୍ତି, ମୋଦୀଜୀ ଦେଶକୁ ମିଛ କହିବା ବନ୍ଦ କରନ୍ତୁ । ବିଦେଶୀ ସହାୟତାରେ ଆପଣ ପ୍ରଧାନମନ୍ତ୍ରୀ ହୋଇଛନ୍ତି ଏବଂ ସେହି ସହାୟତାରେ ଡିଂ ପ୍ରଧାନମନ୍ତ୍ରୀ ରହିଛନ୍ତି । ଏହି ପ୍ରସଙ୍ଗରେ ଯେଉଁଖିଣି ମଂଚରେ, ଯେଉଁଖିଣି ସମୟରେ ଖୋଲା ଚିଠିଟି ପାଇଁ ମୁଁ ଅଦ୍ଭୁତ ଦେଇଛି । ସାହସ ଥିଲେ ଆସନ୍ତୁ । ଜିଲ୍ଲୁ ଆପଣଙ୍କର ସାହସ ନାହିଁ । ଜାଣେ ମୁଁ ଆପଣଙ୍କ ସମ୍ପର୍କରେ ଯାହା ଜାଣେ ତାହାକୁ ନେଇ ଆପଣ ଭୟରୀତ ବୋଲି ରାହୁଲ ଲେଖିଛନ୍ତି । ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୩୧ରେ ଗୁଜରାଟ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଥିଲେ । ଦେଶରେ କିଛି ଶକ୍ତି ମିଥ୍ୟା ଖବର ଓ ଗୁଜବ ପ୍ରଚାର କରି ଅସ୍ଥିରତା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ । ବିରୋଧୀ ଦଳ ଏବେ 'ବିରୋଧୀ ପାର୍ଟୀ' ପରିବର୍ତ୍ତେ 'ଅବରୋଧ ପାର୍ଟୀ'ରେ ପରିଣତ ହୋଇଛି ବୋଲି ସେ କହିଥିଲେ ।

'ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର



ଭୁବନେଶ୍ୱର, ୨/୧୧ (ଆ.ପ୍ର) : ରାଜ୍ୟରେ ବାତ୍ୟା ଅର୍ଥର ଆଶିଙ୍କା ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା ଆଜି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଆସୁଥିବା ବାତ୍ୟା ମୁରାସୁର ମୁକାବିଲା ନିମନ୍ତେ ଆବଶ୍ୟକ ପଦକ୍ଷେପକୁ ମଧ୍ୟ ଆଲୋଚନା ହୋଇଥିଲା । ରାଜ୍ୟ ରାଜସ୍ୱ ଭବନ ସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତ ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରକାଶର ପତ୍ନିମ ମୁଖ୍ୟ ଉପସ୍ଥିତ ଥିଲେ । ଆଗାମୀ ବାତ୍ୟା 'ମୁରାସୁ' ଗଭୀର (ଅବପାତ) ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୦୦ ରୁ ୧୧୦ କିମି ପ୍ରତି ଘଂଟା ରହିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, ବଲ୍ଲାମ, କନ୍ଧମାଳ ଏବଂ ପୁରୀ ଭଳି ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଅର୍ଥର ବାତ୍ୟା ଓ ବନ୍ୟା ଯୋଗୁଁ ରାଜ୍ୟର ଗଞ୍ଜାମ, ଗଜପତି ଏବଂ ବଲ୍ଲାମାଳ ମୋଟ ୪୧ଟି ବ୍ଲକର ୪୮୮ଟି ପଂଚାୟତ ଏବଂ ୨,୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି. ସେହିପରି ୨୩ଟି ସହରାଂଚଳର ୩୦୭ଟି ୱାର୍ଡର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଜନସଂଖ୍ୟା: ସାମୁଦାୟ ୨,୧୦,୯୨୦ ଜଣ ଲୋକ ଏହି ବିପର୍ଯ୍ୟୟର ଶିକାର ହୋଇଛନ୍ତି । ସ୍ଥାନାନ୍ତରଣ: ସୁରକ୍ଷା ଦୃଷ୍ଟିରୁ ୧,୪୧,୭୯୭ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ,ପ୍ରଭାବିତ ଅଂଚଳରୁ ମୋଟ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ବିପର୍ଯ୍ୟୟରେ ଗଞ୍ଜାମ ୩ ଜଣ ବ୍ୟକ୍ତିଙ୍କର ଜୀବନହାନି ହୋଇଛି । ଗଞ୍ଜାମ ଜିଲ୍ଲା:କୁକୁଡାଖଣ୍ଡି ଓ ପାତ୍ରପୁର ବ୍ଲକର ୧୩ଟି ସ୍ଥାନରେ ବ୍ଲକ୍ଷନ ଯୋଗୁଁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି ଏବଂ ଅନ୍ୟ ୮ଟି ସ୍ଥାନରେ କାର୍ଯ୍ୟ ଜାରି ରହିଛି । ରଞ୍ଜନଗରରେ ରାସ୍ତା ଉପରେ ବ୍ଲକ୍ଷନ ଜନିତ ଯେଉଁ ଗୋଟିଏ ସ୍ଥାନରେ ବାଧା ଉପୁଜିଥିଲା, ତାହା ସମ୍ପୂର୍ଣ୍ଣ ଅପସାରିତ ହୋଇଛି । ୧୪ଟି ବ୍ଲକରେ ମୋଟ ୧୨୪ଟି ରାସ୍ତା ପାଟ ବନ୍ଦ କରାଯାଇଥିବାବେଳେ ୪୨ଟି ସ୍ଥାନରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ୧୪ଟି ବ୍ଲକର ୧୮୬ଟି ଷ୍ଟରିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ଗଜପତି ଜିଲ୍ଲାର ୬ଟି ବ୍ଲକର ୧୯ଟି ରାସ୍ତାର ବ୍ଲକ୍ଷନ ଅପସୃତ ସଫା କରାଯାଇଛି । ପାଣି ମାଡ଼ିଯିବା ଯୋଗୁଁ ପ୍ରଭାବିତ ହୋଇଥିବା ୫ଟି ରାସ୍ତାରେ ଯାତନ୍ତାତ ତତ୍ତାତ୍ତ ସ୍ଥାତାବିକ ହୋଇଛି । ୩ଟି ବ୍ଲକରେ ପ୍ରଭାବିତ ୧୧ଟି ଷ୍ଟରିଗ୍ରସ୍ତ ରାସ୍ତା ମରାମତି କରାଯାଇଛି । ଗୋଷ୍ଠାଣୀ ବ୍ଲକର ଗୋଟିଏ ରାସ୍ତାରେ ଅସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । କନ୍ଧମାଳ ଜିଲ୍ଲା:୩ଟି ବ୍ଲକର ୩୧ଟି ରାସ୍ତା ପାଟ ମଧ୍ୟରୁ ୧୫ଟି ବନ୍ଦ ହୋଇଯାଇଥିବାବେଳେ ୧୬ଟି ନିର୍ମାଣାଧିନ ଅଛି ।

ଭାରତଅକ୍ଷୟ ଶକ୍ତି ଶିଖର ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'କୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨/୧୧ (ପି ଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୬କୁ ଉଦ୍‌ଘାଟନ କରିଛନ୍ତି । ଭାରତ ଏବଂ ବିଦେଶର ଶିଳ୍ପ ନେତା, ନିବେଶକ, ଷ୍ଟାର୍ଟଅପ୍ ପ୍ରତିନିଧି ଏବଂ ବରିଷ୍ଠ ଅଧିକାରୀଙ୍କ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ବର୍ତ୍ତମାନ ବିଶ୍ୱ ଯେଉଁ ପରିସ୍ଥିତିରେ ଆୟୋଜନ କରାଯାଉଛି ସେତେବେଳେ ବିଶ୍ୱ ଶକ୍ତି ସଂକଟର ପ୍ରଭାବ ପଡ଼ୁଛି । ଏଭଳି ସ୍ଥିତିରେ ଆମର ଦୈନନ୍ଦିନ ଜୀବନ ଏବଂ ଜାତୀୟ ବିକାଶରେ ଅକ୍ଷୟ ଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ସେ କହିଛନ୍ତି, ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ପରିସର ଅସାଧାରଣ ଭାବରେ ବ୍ୟାପକ କାରଣ ଏହି ଅବସରରେ ଅନ୍ତର୍ଜାତୀୟ ସୌର ମେଂଗର ନବମ ଅଧିବେଶନ ଆୟୋଜନ କରାଯାଉଛି । ସେହିପରି ଏଥିରେ ସବୁଜ ହାଇଡ୍ରୋଜେନ ଉପରେ ଆୟୋଜିତ ତୃତୀୟ ସମ୍ମିଳନୀର ପ୍ରତିନିଧିମାନେ ସାମିଲ ଅଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ, ବିଶ୍ୱ ଅର୍ଥବ୍ୟବସ୍ଥାରେ କରୋନା ମହାମାରୀପରୁ ଆରମ୍ଭ କରି ପଶ୍ଚିମ ଏସିଆ ସଙ୍କଟ ପର୍ଯ୍ୟନ୍ତ ସଂକଟ କାରଣରୁ ଅଭୂତପୂର୍ବ ବାଧା ସୃଷ୍ଟି ହୋଇଛି । ଉଚ୍ଚ ଆର୍ଥିକ ଅଭିବୃଦ୍ଧି ବଜାୟ ରଖିବା ସହିତ ଦେଶ ଯେପରି ପ୍ରଭାବଶାଳୀ ଭାବରେ ଏହି ଅସ୍ଥିରତାକୁ ପରିଚାଳନା କରିଛି ସେଥିପାଇଁ ୧୪୦ କୋଟି ଭାରତୀୟ ଗର୍ବ ଅନୁଭବ କରୁଛନ୍ତି । ଦଶ ବର୍ଷର ଦୀର୍ଘସ୍ଥାୟୀ ଗତୋଲ ନିବେଶ ଏବଂ ସ୍ୱଚ୍ଛ ଶକ୍ତିରେ ବ୍ୟବସ୍ଥାଗତ ସଂସ୍କାର ଦେଶକୁ ଗମ୍ଭୀର ବାଧ୍ୟ ଆଘାତରୁ ରକ୍ଷା କରିଛି । ଯଦି ଭାରତ ଗତ ଏକ ଦଶନ୍ଧି ଧରି ସ୍ୱଚ୍ଛ ଶକ୍ତିରେ ନିବେଶ କରି ନଥାନ୍ତା ଏବଂ ଏଥିପାଇଁ ନୂତନ ବ୍ୟବସ୍ଥା ସୃଷ୍ଟି କରିନଥାନ୍ତା, ତେବେ ଆମର ସଙ୍କଟ ବିଶ୍ୱର ଅନ୍ୟ ଦେଶ ଅପେକ୍ଷା ବହୁତ ଗୁରୁତର ହୋଇଥାନ୍ତା ।ବୋଲିପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ସାମ୍ପ୍ରତିକ ବିଶ୍ୱ ବ୍ୟାପାର ଶକ୍ତି ଏବଂ ଆର୍ଥିକ ସୁରକ୍ଷା ମଧ୍ୟରେ ସିଧାସଳଖ ସମ୍ପର୍କକୁ ଉଜାଗର କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଜିଓପଲ୍ଟିକ୍ସ ଉପରେ ଅତ୍ୟଧିକ ନିର୍ଭରଶୀଳତା ବିଶ୍ୱ ଅର୍ଥବ୍ୟବସ୍ଥାରେ ବାରମ୍ବାର ବାଧା ସୃଷ୍ଟି କରିବ କାରଣ ଜାତୀୟ ସୁରକ୍ଷାର ସାମିତ ଏବଂ କିଛି ଅଂଚଳରେ କେନ୍ଦ୍ରିତ ବୋଲି ସେ ତେତାଦୀ ଦେଇଥିଲେ । ଏହି ଦୁର୍ବଳତାକୁ ସ୍ୱଚ୍ଛ ଶକ୍ତିର ଅସୀମ, ସାର୍ବଜନୀନ ଭାବରେ ସୁଲଭ ସମ୍ଭାବନା ସହିତ ତୁଳନା କରିଥିବାରୁ ଏବଂ ଆମେ ସମସ୍ତେ ଜାଣୁ, ଶକ୍ତି ସୁରକ୍ଷାର ଉଦ୍ଦିଷ୍ଟ ସ୍ୱଚ୍ଛ ଶକ୍ତିରେ ନିହିତ ବୋଲିଶ୍ରୀ ମୋଦୀ ଦୃଢ଼ ଭାବରେ କହିଥିଲେ । ପ୍ରଧାନମନ୍ତ୍ରୀ ଭାରତର ୧୨ ବର୍ଷର ସ୍ୱଚ୍ଛ ଶକ୍ତି ଯାତ୍ରାକୁ 'ପ୍ରତିଶ୍ରୁତି, ଉତ୍ଥାନ ଏବଂ ପ୍ରଦର୍ଶନ'ର ଏକ ଉତ୍ସାହଜନକ ଯାତ୍ରେ ବର୍ଣ୍ଣନା କରି କହିଥିଲେ, ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି କ୍ଷମତା ଯୋଗଦେବା ପାଇଁ ଭାରତ ଏବେ ଦେଖିବା ପ୍ରତିଶ୍ରୁତି ଏହାର ଏକ ଜ୍ୱଳନ୍ତ ନିଦର୍ଶନ । ପାଣ୍ଡିସ୍ ତୁଲ୍ଲି ଅନୁଯାୟୀ ଭାରତ ନିଜର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ଅ

ସେଠୋ ଆରମ୍ଭ
SETHO ARAMBHA
ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦେଶ ଓ ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ବିପଦ ରାହୁଲ ଗାନ୍ଧୀ : ଡ.ସୁଧାଂଶୁ ତ୍ରିବେଦୀ

ଭୁବନେଶ୍ୱର, ୦୨/୧୧ (ଆ.ପ୍ର) : ବିଶ୍ୱର ପ୍ରମୁଖ ବିକଶିତ ରାଷ୍ଟ୍ରଗୁଡିକ ଆଜି ଘୋର ଆର୍ଥିକ ଦୁର୍ଗତି, ସାମାଜିକ ବିଶୃଙ୍ଖଳା ଓ ରାଜନୈତିକ ଅସ୍ଥିରତା ଭଳି ସମସ୍ୟା ସେଉଡେ ଜର୍ଜରିତ ହୋଇପଡିଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ଭାରତର ଆର୍ଥିକ, ସାମାଜିକ ପ୍ରଗତି ଓ ଗରିବକଲ୍ୟାଣ କାର୍ଯ୍ୟକ୍ରମଗୁଡିକ ଦ୍ରୁତ ଗତିରେ ଆଗେଇ ଚାଲିଛି । ଭାରତ ଏବେ ବିଶ୍ୱର ଦ୍ରୁତ ଆର୍ଥିକ ବିକାଶ କରୁଥିବା ଦେଶ ହୋଇଛି ଓ ଅନେକ କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଆହ୍ୱାନକୁ ମୋର ପ୍ରାଜି କ୍ଷେତ୍ରରେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପ୍ରଗତି ସହ ତାଳ ଦେଇ ଓଡିଶା ବର୍ତମାନ ଭାରତବର୍ଷର ସେମି-କଣ୍ଡକ୍ଟର୍, ଇଜ୍, ବୁଦ୍ଧିମତା, ଡାଟା ସେଂଟର, ପ୍ରତିରକ୍ଷା ଉତ୍ପାଦନ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା କ୍ଷେତ୍ରରେ ନିଜର ନୂତନ ପରିଚୟ ସୃଷ୍ଟି କରିଛି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ମିଳିତ ଭାବେ କାର୍ଯ୍ୟ କରିବା ଦ୍ୱାରା ରାଜ୍ୟର ଅର୍ଥନୀତି, ଗତିର ଜଦ୍ୟାଣ ଯୋଜନା ଏବଂ ଭିତ୍ତିଭୂମିର ଜଡ଼ୁତି ଦ୍ରୁତ ଗତିରେ ହେଉଛି । ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ସଂକଳ୍ପ ସହ ଓଡ଼ିଶାର 'ଜିଇନ ୨୦୩୬' ସମ୍ପୂର୍ଣ୍ଣ ରୂପେ ଜଡ଼ିତ । ଓଡିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଓ ୨୦୪୭ରେ ୧୫୦୦ ବିଲିୟନରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାର ସଂସ୍କୃତି ଓ ଅସ୍ମିତାକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ସମ୍ମାନ ମିଳିଛି । ଭାରତ ମଣ୍ଡପରେ ଅନୁଷ୍ଠିତ ଜି-୨୦ ସଂଜିଳନୀର ପୃଷ୍ଠଭୂମିରେ କୋଣାର୍କ ମନ୍ଦିର ପ୍ରଦର୍ଶନ କରାଯାଇଥିବାରୁ ସେହିପରି ନିକଟରେ ପ୍ରଧାନମନ୍ତ୍ରୀ ଜର୍ମାନୀ ଗସ୍ତରେ ସମ୍ବଲପୁର ଶାଢ଼ୀ ଓ ଏଲ୍.ଆଇସି ଭଳି ରାଷ୍ଟ୍ରାୟତ ଅର୍ଥନୈତିକ ସଂସ୍ଥା ସଂପର୍କରେ ଜନମାନସରେ ସନ୍ଦେହପୂର୍ଣ୍ଣ ଧାରଣା ସୃଷ୍ଟି କରିବାର ବିପଜ୍ଜ ପ୍ରୟାସ ପଦାରେ ପଡିଛି । ଗତ ୧୨ ବର୍ଷର ମୋଦିଙ୍କ ସରକାର ସମୟରେ ଦେଶରେ ଅତି ଦରିଦ୍ରଙ୍କ ସଂଖ୍ୟା ୨୬.୧% ରୁ ୨.୨% କୁ ଖସି ଆସିଛି । ପ୍ରାୟ ୫୦ କୋଟି ଲୋକ ଅତି ଜଡ଼ତ ବାତିବ୍ୟସ୍ତ ସାମାରେଖାର ଉର୍ଦ୍ଧ୍ୱକୁ ଉଠିଛନ୍ତି । ଆର୍ଥିକ ବିକାଶ ସହିତ ଦେଶରେ ବାରିବ୍ୟ ହ୍ରାସ ପାଉଛି । ବିଶ୍ୱର ବିଭିନ୍ନ ସଂସ୍ଥାଗୁଡିକ ଯେଉଁ ଦେଶମାନଙ୍କୁ 'ଫାଗିଲେସ୍ ରାଜ୍ୟ' ବା 'ଖୁସି ସୂଚକାଙ୍କ'ର ଶୀର୍ଷ ସ୍ଥାନରେ ଥିବାର ଦେଖାଉଥିଲା, ବର୍ତମାନ ସେହି ଦେଶମାନଙ୍କରେ ଏବେ ବ୍ୟାପକ ହିଂସା ଓ ଅରାଜକତା ଘଟୁଥିବାବେଳେ ଭାରତରେ ଜନସାଧାରଣ ମୋଦିଜୀଙ୍କ ନେତୃତ୍ୱାଧୀନ ବିକେପି ସରକାରରେ ଖୁସିରେ ଅଛନ୍ତି । କିନ୍ତୁ କଂଗ୍ରେସ ଓ କେତେକ ବିରୋଧୀ ଦଳ ଦେଶର ଏହି ପ୍ରଗତିକୁ ସହି ନପାରି ଆନ୍ଦୋଳନ ସୃଷ୍ଟି କରିବାର ଅପଚେଷ୍ଟା କରୁଛନ୍ତି । ସେମାନେ ନିର୍ବାଚନକୁ ନେଇ ଇଭିଏମ୍ ଓ ନିର୍ବାଚନ କମିଶନ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନକୁ ବଦନାମ କରୁଛନ୍ତି, ସୁପ୍ରିମକୋର୍ଟକୁ ଅପଦ୍ଧାନ କରୁଛନ୍ତି, ଆକାଶବାଣୀ କେନ୍ଦ୍ର ଲିଡରକୁ ଧସେଇ ପଶୁଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଘର ଆଖରେ ଧାରଣା ଦେଇ ଅରାଜକତା ସୃଷ୍ଟି କରିବା ସହ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବାର ଘୃଣ୍ୟ ପ୍ରୟାସ କରୁଛନ୍ତି । କଂଗ୍ରେସର ଏହି ଭଳି ଆଚରଣକୁ ଦେଶବାସୀ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ଡ.ତ୍ରିବେଦୀ କହିଛନ୍ତି । କଂଗ୍ରେସ ନାତିରି ନିର୍ବାଚନ ହାରୁଛି ତାହାର ସମୀକ୍ଷା ନକରି ନିର୍ବାଚନ କମିଶନକୁ ଓ ଏସ୍ଆଇଆର ପ୍ରକ୍ରିୟାକୁ ଦୋଷ ଦେଉଛି । ରାଜ୍ୟର ଜନତା ପାର୍ଟି ୨୦୧୪ ମସିହାରେ ହେଇରେ ସରକାର ଗଠନ ପୂର୍ବରୁ କଂଗ୍ରେସ ଦୀର୍ଘ ସମୟ ଧରି କ୍ଷମତାରୁ ବାହାର ରହିଆସିଛି । ୨୦୦୦ରୁ ଓଡ଼ିଶାରେ, ୧୯୯୫ରୁ ଗୁଜରାତରେ, ୧୯୯୦ରୁ ଉତ୍ତର ପ୍ରଦେଶ ଏବଂ ବିହାରରେ ସରକାର ଗଠନ କରିନାହିଁ । ୨୦ ବର୍ଷରୁ ତାମିଲନାଡୁରେ, ୧୯୭୭ରୁ ଦେଢଁକରେ କ୍ଷମତାରେ ନାହିଁ । ହେଉଜେରେ ସୁଦ୍ଧାନ୍ତ ଲିଗ୍ ଏବଂ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟିର ସାହାଯ୍ୟ ନେଇ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଯଥାକ୍ରମେ ୱାୟାନାଡ଼ ଓ ରାଇବରେଲୀର ଲୋକସଭା ଆସନରୁ ଜିତୁଥିବାବେଳେ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିକୁ ଅହ୍ୱାନ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଡ.ତ୍ରିବେଦୀ କହିଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ ବିଜୟ ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ। ଏହାପରେ ଡ.ତ୍ରିବେଦୀ ଅପରାହ୍ନ ୩ଟାରେ କଟକଠାରେ ଅନୁଷ୍ଠିତ ବିଜୟ ପଦଯାତ୍ରାରେ ଯୋଗ ଦେଇଥିଲେ । କଲେଜ ଛକଠାରୁ ବୋଳମୁଣ୍ଡାର ଛକ ପର୍ଯ୍ୟନ୍ତ ୩କିଲୋମିଟର ଅରାଜକତା ହଟାଅ ଅଭିଯାନ' ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । କଲେଜ ଛକଠାରେ ବୋନାଗୀ ସ୍ୱତନ୍ତ୍ର ବୋଲ୍ଡକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି ପଦଯାତ୍ରାରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।



ନୂଆପଡ଼ା ଜିଲ୍ଲାର ନୂତନ ଏସ୍ପି ହେଲେ ତପନ ନାରାୟଣ ରଥ
ଜିଲ୍ଲାର ଭୌଗୋଳିକ ଓ ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ରହିଛି ଅଭିଜ୍ଞତା




ନୂଆପଡ଼ା, ୦୨/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ତପନ ନାରାୟଣ ରଥ ଯୋଗଦେଇଛନ୍ତି । ସେ ପୂର୍ବରୁ କଟକସ୍ଥିତ ଓଡ଼ିଶା ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟରତ ଥିଲେ । ନୂଆପଡ଼ା ଜିଲ୍ଲା ସହ ତାଙ୍କର ପୂର୍ବ ଅଭିଜ୍ଞତା ଥିବାରୁ ତାଙ୍କ ନିଯୁକ୍ତିକୁ ନେଇ ଆଶା ପ୍ରକାଶ ପାଇଛି । ପୁଲିସ ବିଭାଗରେ ଯୋଗଦେବା ପରଠାରୁ ଜଣେ ଦକ୍ଷ ଓ କର୍ତବ୍ୟନିଷ୍ଠ ଅଧିକାରୀ ଭାବେ ଶ୍ରୀ ରଥ ନିଜର ପରିଚୟ ସୃଷ୍ଟି କରିଥିଲେ । ସେ ପୂର୍ବରୁ ଖଡ଼ିଆଳ ଥାନାର ଅଧିକାରୀ ଭାବେ ପ୍ରାୟ ତିନି ବର୍ଷ କାର୍ଯ୍ୟ କରିଥିଲେ । ସେହି ସମୟରେ ଆଇନଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କୁ ପୁଲିସ ସେବା ଯୋଗାଇବା କ୍ଷେତ୍ରରେ ତାଙ୍କର କାର୍ଯ୍ୟଶୈଳୀ ଚର୍ଚ୍ଚାରେ ରହିଥିଲା । ପଡ଼ୋଶୀ ଜକାହାନ୍ତି ଜିଲ୍ଲାର ବାସିନ୍ଦା ଶ୍ରୀ ରଥ ନିଜର ପରିଚୟ ସୃଷ୍ଟି କରିପାରିଥିବା ବୋଲି ସୂଚନା ମିଳିଛି ।

ଜିଲ୍ଲାପାଳ ଦ୍ୱାରା ବାତ୍ୟା 'ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ଧର୍ମଗଡ଼, ୦୨/୧୧ (ଆ.ପ୍ର) : ବାତ୍ୟା 'ମୁରାସୁ'ର ପ୍ରଭାବରେ ଆସନ୍ତା କାଲି ଗାତାରିଶ୍ଚାଠାରୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ ୩ ଓ ୪ ତାରିଖରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଓଫ୍ଟାନ ଗୁମ୍ଫରେ ଜଳଆନ୍ତି ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଏକ ଆକାଶୀ ସମୀକ୍ଷା ବୈଠକ ମାଧ୍ୟମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରଙ୍କ ସହ ଜିଲ୍ଲାର ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ସେଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବା ସହ ନିଜ ନିଜ କର୍ମସ୍ଥଳରେ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ, ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । କୌଣସି ଅଧିକାରୀ କିମ୍ବା କର୍ମଚାରୀ ପୂର୍ବାନୁମତି ବିନା ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ । ସମସ୍ତଙ୍କୁ ମୁଖ୍ୟାଳୟରେ ରହି ସତର୍କତାର ସହ ନିଜ ନିଜ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଜିଲ୍ଲାପାଳ ୩.୧୧.୨୦୨୬ ଯିଏ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଆଙ୍ଗନବାଡି ବେନ୍ଦ୍ର ଛୁଟି ଘୋଷଣା କରିବାପାଇଁ ପ୍ରସ୍ତାବ ଦେବାକୁ ନିଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ଗୋଲାସୁଆ ଓ ଧର୍ମଗଡ଼, ସିଡିଓ ଜିଲ୍ଲାପରିଷଦକୁ ଜରାମପୁର ଓ ବୁନାଗଡ଼, ଉପ ଜିଲ୍ଲାପାଳ ଧର୍ମଗଡ଼କୁ କୋଇସରା ଓ ଜୟପାଟଣା, ଉପ ଜିଲ୍ଲାପାଳ ଭବାନୀପାଟଣାକୁ ଜେଣ୍ଡିଙ୍ଗା ବୁନାର ବିଶେଷ ଦାୟିତ୍ୱ ସହ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଜିଲ୍ଲାପାଳ ରାସ୍ତା, ପୋଲ, ଗମନାଗମନ, ବିଦ୍ୟୁତ, ସରାଜବାହ, ପାନୀୟ ଜଳ, ଟେଲିମେଟ ସେବା, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ, ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିବେ । ଜିଲ୍ଲାପାଳ ସମସ୍ତ ବିଡିଓ ସମାବ୍ୟ ପ୍ରରାଡିତ ଲୋକଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ କରିବା ଓ ତଦ ସମ୍ବନ୍ଧିୟ ରିପୋର୍ଟ ଶୀଘ୍ର ପେ୍ରରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ନେଇ କୋରାପୁଟ ପ୍ରଶାସନର ତତ୍ପରତା
୨୩୫ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ



କୋରାପୁଟ, ୦୨/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାରେ ସତର୍କ ହୋଇଛି ପ୍ରଶାସନ । ବାତ୍ୟାର ସମ୍ଭାବ୍ୟ ପ୍ରଭାବ ମୁକାବିଲା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆଗୁଆ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଜିଲ୍ଲାର ୨୩୫ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ବାତ୍ୟା ସମୟରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ଅଂଚଳରେ ବହୁସଂଖ୍ୟକ ସରକାରୀ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଏଥିସହ ଜିଲ୍ଲାର ସମସ୍ତ ଅଂଚଳରେ ଜନସାଧାରଣଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି । ଅନାବଶ୍ୟକ ରାସ୍ତାକୁ ନଯିବା, ନଦୀ ଓ ଜଳାଶୟ ନିକଟକୁ ନଯିବା ସହ ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ପାଳନ କରିବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରାଯାଇଛି । ଏନେଇ ଜଣାଇଥିଲେ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛି । ଜନସାଧାରଣ ଗୁରୁତ୍ୱାରର ନହୋଇ ସତର୍କ ରହିବା ସହ ପ୍ରଶାସନକୁ ସହଯୋଗ କରନ୍ତୁ ।

ଜାତୀୟ ଏକତା ଦିବସରେ ବଣାଇଁର ଆଦିବାସୀ କିସାନ ନୃତ୍ୟ ଦଳର 'ନକ୍ସଲ ମୁକ୍ତ ଭାରତ' ନାଟକ ପ୍ରଦର୍ଶିତ



ବଣାଇଁ, ୦୨/୧୧(ଆ.ପ୍ର): ଗ୍ରାମୀଣ ଜାତୀୟ ମଂଚ ପର୍ଯ୍ୟନ୍ତ ପଦଂଚିଲା ଓଡ଼ିଶାର କିସାନ ଆଦିବାସୀ କଳା ଓ ସଂସ୍କୃତି । ଗୁଜୁରାତର ନର୍ମଦା ଜିଲ୍ଲା ଅନ୍ତର୍ଗତ ଏକତା ନଗର ଠାରେ ଅକ୍ଟୋବର ୩ୀ ତାରିଖରେ ଆୟୋଜିତ ଜାତୀୟ ଏକତା ଦିବସ ସମାରୋହରେ ସୁଦୂରଗଡ଼ ଜିଲ୍ଲାର ଆଦିବାସୀ କିସାନ ନୃତ୍ୟ ଦଳ ଅଂଶଗ୍ରହଣ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି ରାଷ୍ଟ୍ରୀୟ ସମାରୋହରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ ପରିବେଷିତ 'ନକ୍ସଲ ମୁକ୍ତ ଭାରତ' ନାମକ ନାଟକରେ ଓଡ଼ିଶାର ପାରମ୍ପରିକ କିସାନ ଆଦିବାସୀ ନୃତ୍ୟକୁ ସାମିଲ କରାଯାଇଥିଲା । ଏଥିରେ ବଣାଇଁ ବୁନ୍ଦର ଶବରା ଗ୍ରାମପ୍ରିତ ଆଦିବାସୀ କିସାନ ନୃତ୍ୟକୁ ନାଟକର ଜାହାଣୀ ସହିତ ସୁନ୍ଦର ଭାବେ ସଂଯୋଜନା କରାଯାଇଥିଲା । ଦାର୍ଘ ଦିନର ଅଭ୍ୟାସ ଓ ପ୍ରସ୍ତୁତି ପରେ ଅକ୍ଟୋବର ୩୧ ତାରିଖରେ ଜାତୀୟ ଏକତା ଦିବସର ମୁଖ୍ୟ କାର୍ଯ୍ୟକ୍ରମରେ 'ନକ୍ସଲ ମୁକ୍ତ ଭାରତ' ନାଟକ ପରିବେଷଣ ହୋଇଥିଲା । ଏଥିରେ ଶବରା ଗ୍ରାମର କଳାକାରମାନେ ନିଜର ପାରମ୍ପରିକ କିସାନ ନୃତ୍ୟ ମାଧ୍ୟମରେ ନିଜ ଜଜାର ପରିଚୟ ଦେଇଥିଲେ । ଜାତୀୟ ସ୍ତରର ଏଭଳି ଏକ ବଡ଼ ମଂଚରେ କିସାନ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟକୁ ସ୍ଥାନ ମିଳିବା କେବଳ ଶବରା ଗ୍ରାମ ପାଇଁ ନୁହେଁ, ବରଂ ସମଗ୍ର ବଣାଇଁ ଅଂଚଳ, ସୁନ୍ଦରଗଡ଼ ଜିଲ୍ଲା ଓ ଓଡ଼ିଶା ପାଇଁ ଏକ ଗର୍ବର ବିଷୟ । ଏହି ସଫଳତା ଗ୍ରାମାଂଚଳରେ ରହିଥିବା ଆଦିବାସୀ କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ଜାତୀୟ ସ୍ତରରେ ପହଂଚାଇବା ସହ ଆଗାମୀ ପିଢ଼ିକୁ ନିଜର ପରମ୍ପରା ଓ ସଂସ୍କୃତିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବ । ଜାତୀୟ ନାଟ୍ୟ ବିଦ୍ୟାଳୟ ଭଳି ଏକ ପ୍ରତିଷ୍ଠିତ ଅନୁଷ୍ଠାନ ସହ ଯୋଡ଼ି ହୋଇ ଏହି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଭାଗ ନେବା ବଡ଼ର ଜଜାକାରମାନଙ୍କ ପାଇଁ ଏକ ସୁବାଣୀୟ ଅନୁଭୂତି ହୋଇରହିବ । ଏହି ସଫଳତା ପାଇଁ ବଡ଼ର ନେତୃତ୍ୱ ନେଇଥିବା ବୁଦ୍ଧଦେବ ବିସାଳ ଏବଂ ସମସ୍ତ କଳାକାରଙ୍କୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତି ।

ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ



ଦଶପଲ୍ଲା /ଗଣିଆ, ୦୨/୧୧ (ଆ.ପ୍ର) : ଗଣିଆ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଦିନ ବର୍ଷାଦିନ ପରିବେଶ ମଧ୍ୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ 'ସମୃଦ୍ଧ ରାଷ୍ଟ୍ର - ସମୃଦ୍ଧ ଓଡ଼ିଶା' ଶୀର୍ଷକ ଥିମ୍‌କୁ ନେଇ ଆୟୋଜିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ବାମନ ତଡଶ ବାରିକି ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ଜମାକାନ୍ତ ଦାଶ, ବ୍ଲକ ଅଧକ୍ଷା ଝୁନା ଜେନା, ସମିତି ସଭ୍ୟ ଫକିର ମୋହନ ଜାଲୁଆ, ବ୍ଲକ ଶିକ୍ଷା ଅଧିକାରୀ ଲିସା ନନ୍ଦ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା ଓ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ରାଉତ ଅତିଥି ଭାବେ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଗଣିଆ ବ୍ଲକ ଅନ୍ତର୍ଗତ ୬ଟି କୁଞ୍ଜରର ଶତାଧିକ ପ୍ରତିଭାବାନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ।

ଲକ୍ଷ୍ମୀ ପୂଜା ପାଳଟିଲା ଶେଷ ବୁଲା



ଛାତଡିହି, ୦୨/୧୧ (ଆ.ପ୍ର) : ବୁନ୍ଦ ଛାତଡ଼ିହା ଗ୍ରାମର ଜଜାକାରମାନଙ୍କୁ ୩ ସାନ ପୁଅ ସହ ଶୁଦ୍ଧଜାର ଲକ୍ଷ୍ମୀପୂଜା ମୋଜା ବୁଝିବାକୁ ଜଡ଼ ଯାଇଥିଲେ । ମୋଜା ବୁଝି ଫେରିବା ବେଳେ ବଡ଼ଗଚାଇଁପୁର ମୟଜର ଘଟିରା ଅଞ୍ଚଳିକ ଦୁର୍ଘଟଣା ଯାହା ଫଳରେ ସାନ ପୁଅ ଖଖିଆ ଖଡରା ହୋଇ ଅଞ୍ଚଳେ ଉଡି ଯାଇଥିଲେ ସୁଦ୍ଧା ଜଜାମାଲ ପତ୍ରା ବୁଝା ମଲିକ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତି ହୋଇଥିଲେ । ଯାହାକୁ ନେଇ ପରିବାର ଲୋକେଙ୍କ ଠାରୁ ସାଥା ମର୍ମାଜାମାନେ ମଧ୍

ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ 'ଦ ସ୍ମାଇଲିଂ ପେନ୍' ଉନ୍ମୋଚିତ



ବାଲେଶ୍ୱର, ୦୧/୧୧ (ଆ.ପ୍ର) : "ପୃଥିବୀର ସବୁଠାରୁ ବଡ଼ ଶ୍ରଦ୍ଧାନ ପୁରୀର ସ୍ୱର୍ଗଦ୍ୱାର କିମ୍ବା ବାରାଣସୀର ହରିଶ୍ଚନ୍ଦ୍ର ଘାଟରେ ନାହିଁ, ତାହା ମଣିଷର ଛାତି ଭିତରେ ରହିଛି, ଯେଉଁଠି ପ୍ରତି ମୁହୂର୍ତ୍ତରେ ଅସଂଖ୍ୟ ସ୍ୱପ୍ନ ଓ ଆଶାର ଶବଦାହ ହୋଇଥାଏ ।" ବିଶିଷ୍ଟ କଥାକାର ତଥା ସାହିତ୍ୟ ଏକାଡେମୀର ଆବାହକ ଡକ୍ଟର ଗୌରହରି ଦାସ ଏଭଳି ଏକ ଦାର୍ଶନିକ ଅଭିବ୍ୟକ୍ତି ଉଖି ସାହିତ୍ୟର ମାନବୀୟ ଓ ସମ୍ବେଦନଶୀଳ ଦିଗ ଉପରେ ଆଲୋକପାତ କରିଛନ୍ତି । ଗତ ୩୧ ଡାଭିଖ ସନ୍ଧ୍ୟାରେ ସ୍ଥାନୀୟ ଆତିଥ୍ୟ ଭବନଠାରେ ଆୟୋଜିତ ଅଷ୍ଟମ ଜଦି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ମତ ଉଖିଥିଲେ । ସେ ଆହୁରି କହିଥିଲେ ଯେ, ପ୍ରତ୍ୟେକ ମଣିଷ ମନରେ ଲୋଡ଼ା ହେବାର ଏକ ଅନ୍ତର୍ନିହିତ ଆକାଂକ୍ଷା ରହିଥାଏ, ଯାହା ତାକୁ ଆନନ୍ଦ ଦିଏ । ଅନ୍ୟପକ୍ଷରେ ଅଲୋଡ଼ା ହୋଇଯିବାର ବେଦନା ତାକୁ ଗଭୀର ଭାବେ ମର୍ମାହତ କରେ । ଲୋଡ଼ା ଓ ଅଲୋଡ଼ା ହେବାର ଏହି ଦ୍ୱନ୍ଦ୍ୱ ମଧ୍ୟରେ ମଣିଷ ଜୀବନ ଅତିବାହିତ କରୁଥିବାବେଳେ ଜଦି ମଧ୍ୟ ଏହି ମାନବୀୟ ଅନୁଭବରୁ ଉର୍ଦ୍ଧ୍ୱରେ ନୁହନ୍ତି । ଜଦି ଚନ୍ଦ୍ର କୁମାର ମହାନ୍ତିଙ୍କ କବିତାରେ ମଧ୍ୟ ଅଲୋଡ଼ା ହୋଇଯିବାର ଖୋଜ ଓ ମାନସିକ ବେଦନାର ଅଭିବ୍ୟକ୍ତି ଦେଖିବାକୁ ମିଳେ ବୋଲି ଡକ୍ଟର ଦାସ ମତ ଦେଇଥିଲେ । ନିଜ ବକ୍ତବ୍ୟରେ ସେ ଏକ ଦୂରଦୃଷ୍ଟାଶୀ କାଶ୍ମୀରୀ କାୟାଶୀର ଅତବାରଣୀ କରିଥିଲେ । ଜଣେ ନବବଧୂ ଶୋଷରେ ମୃତ୍ୟୁମୁଖରେ ପଡ଼ିବାକୁ ଯାଉଥିବାବେଳେ ଜଣେ ଜିଙ୍ଗୋର ମେଷପାଳକ ନିଜ ଜୀବନକୁ ବାଜି ଲଗାଇ ତା' ପାଇଁ ପାଣି ଆଣିଥିଲା । ନବବଧୂର ଜୀବନ ରକ୍ଷା ହୋଇଥିଲା, କିନ୍ତୁ ନିଜର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ମେଷପାଳକର ମୃତ୍ୟୁ ହୋଇଥିଲା । ଏଭଳିରେ ନବବଧୂ ନିଜ ଗରୁକୁ ଛାଡ଼ି ମେଷପାଳକର ମାଆ ପାଖକୁ ଯାଇ ତା'ର ଅନ୍ତିମ ସଂସ୍କାର କରିବାକୁ ନିଷ୍ପତ୍ତି ନେଇଥିଲା । ଏହି କାହାଣୀ ମାଧ୍ୟମରେ ଜଣେ ଲେଖକ ମଣିଷ ଭିତରେ ଥିବା ଅସାଧାରଣ ମାନବିକତା ଓ ମହତ୍ୱକୁ କିପରି ଆବିଷ୍କାର କରିପାରେ, ତାହା ଡକ୍ଟର ଦାସ ବୁଝାଇଥିଲେ । ଜଜ୍ଞନା ଓ ବାସ୍ତବତାର ସମନ୍ୱୟରେ ସାହିତ୍ୟ ପାଠକଙ୍କୁ ଉତ୍ତରର ମାନବୀୟ ବେଦନା ଆଡ଼କୁ ନେଇଯାଏ ବୋଲି ସେ ମତ ଉଖିଥିଲେ । ସମ୍ମାନିତ ଅତିଥି ବିଶିଷ୍ଟ କବି ତଥା ପ୍ରଶାସକ ଧନଞ୍ଜୟ ସ୍ୱାଇଁ ସାହିତ୍ୟରେ ପ୍ରଚାର ଓ ପ୍ରସାରର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । କେବଳ ଭଲ ଲେଖିଲେ ଜଣେ ଭଲ ଲେଖକ ହୋଇଯାଏ ନାହିଁ: ନିଜ ସୃଷ୍ଟିକୁ ପାଠକ ଓ ସମାଲୋଚକଙ୍କ ନିକଟରେ ପହଂଚାଇବା ମଧ୍ୟ ଜରୁରୀ । ଜିଜ୍ଞ ଜଗତରେ ଉତ୍ପାଦର ବିକ୍ରୟ ବୃଦ୍ଧି ପାଇଁ ଯେପରି ପ୍ରଚାର ଓ ବଜାର ସୃଷ୍ଟିର ଆବଶ୍ୟକତା ରହିଛି, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ପ୍ରଚାର ଓ ପ୍ରଚାର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ଏହି ସମାରୋହରେ ଯୁବକବି ଯିଶୁଶ୍ରୀଷ୍ଟ ସାହୁଙ୍କୁ ୨୦୨୬ ବର୍ଷ ପାଇଁ 'ଚନ୍ଦ୍ର କୁମାର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା । ସମ୍ମାନ ଗ୍ରହଣ କରି ଯିଶୁଶ୍ରୀଷ୍ଟ ଏହାକୁ ନିଜ ସାହିତ୍ୟିକ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ବୋଲି ଅଭିହିତ କରିଥିଲେ । ଜଣେ ବରିଷ୍ଠ କବିଙ୍କ ସ୍ମୃତି ସହ ଜଣେ ଯୁବକବିଙ୍କୁ ଯୋଡ଼ିବାର ଏହି ପରମ୍ପରା ତାଙ୍କୁ ଆଗାମୀ ଦିନରେ ଅଧିକ ଦାୟିତ୍ୱଶୀଳ ଓ ସୃଜନଶୀଳ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ମାନପତ୍ର ପାଠ କରିଥିଲେ କମଳିନୀ କାଞ୍ଜ । ଏହି ଅବସରରେ ଜଦି ଚନ୍ଦ୍ର କୁମାର ମହାନ୍ତିଙ୍କ ନାତୁଣୀ ତଥା ତୃତୀୟ ପିଢ଼ିର ସୃଜନଶୀଳ ପ୍ରତିନିଧି ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ 'ଦ ସ୍ମାଇଲିଂ ପେନ୍' ଉନ୍ମୋଚିତ ହୋଇଥିଲା । ନିଜର କବିତା ଯାତ୍ରା ଓ ଲେଖନୀ ପ୍ରତି ପ୍ରେରଣା ସମ୍ପର୍କରେ ଅନୁଭୂତି ବାଂଟି ଦ୍ୟୁତି କହିଥିଲେ ଯେ, ତାଙ୍କ ପିତା ଜଦି ଚନ୍ଦ୍ର ମହାନ୍ତିଙ୍କ କବିତା ପୁସ୍ତକ 'ଆଂଟିଭାୟୋଟିକ୍'ର ଉନ୍ମୋଚନ ଉତ୍ସବରୁ ହିଁ ତାଙ୍କ ମନରେ କବିତା ପ୍ରତି ପ୍ରଥମ ଆକର୍ଷଣ ଓ ସୃଜନର ଆହ୍ୱାନ ସୃଷ୍ଟି ହୋଇଥିଲା । ସମାରୋହରେ ଅଧ୍ୟକ୍ଷତା କରି ଜଦି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ସଂସଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ପ୍ରଖର ମର୍ଯ୍ୟାଦା ରକ୍ଷା ସହ ସାହିତ୍ୟିକ ପରମ୍ପରା ଓ ସୃଷ୍ଟି ସଂରକ୍ଷଣର ଗୁରୁତ୍ୱ ଉପରେ ମତ ରଖିଥିଲେ । ଜଦି ତଥା ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଜଦି ଚନ୍ଦ୍ର କୁମାର ମହାନ୍ତିଙ୍କ ଜଦିତାରେ ପ୍ରତିଫଳିତ ପ୍ରଗତିଶୀଳ ଚେତନା ଓ ସାମାଜିକ ଦୃଷ୍ଟିଭଙ୍ଗୀର ବିଶ୍ଳେଷଣ କରିବା ସହ ଦ୍ୟୁତି ମହାନ୍ତିଙ୍କ କବିତା ସଂକଳନର ଭାବବସ୍ତୁ ଓ କାବ୍ୟିକ ଅଭିବ୍ୟକ୍ତି ଉପରେ ସମୀକ୍ଷାତ୍ମକ ମତ ରଖିଥିଲେ । ପ୍ରାରମ୍ଭରେ ହାଇଫେନ୍ ପ୍ରକାଶନୀର ସ୍ୱତ୍ୱାଧିକାରୀ ଜଦି ଶୁଭେନ୍ଦୁ ବାସ ସ୍ୱାଗତ ଭାଷଣ ଦେବା ସହ ପୁସ୍ତକ ସମ୍ପର୍କରେ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ । ବିଶିଷ୍ଟ ଗଳ୍ପିକ ତଥା ଜଦି ଗଙ୍ଗାଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜଦି ସୁନୀଲ ମିଶ୍ର ଅତିଥିମାନଙ୍କୁ ଫିତେଚ୍ଚ ପ୍ରଦାନ କରି ସ୍ୱାଗତିତ କରିଥିଲେ । ସ୍ମୃତି ସଂସଦ ପକ୍ଷରୁ ଜଦି ଶ୍ରୀଦେବ ଓ ଜଦି ପ୍ରଶାନ୍ତ ବାସ ମୁଖ୍ୟ ଅତିଥି ଡକ୍ଟର ଗୌରହରି ଦାସ ଏବଂ ସମ୍ମାନିତ ଅତିଥି ଧନଞ୍ଜୟ ସ୍ୱାଇଁଙ୍କୁ ଜଦଜସ୍ୱେ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମାରୋହରେ ସହରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ଜଦି ଚନ୍ଦ୍ର କୁମାର ମହାନ୍ତିଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ । ଜଦିଙ୍କ ଜନ୍ମଦିନ ତଥା ସାମ୍ବାଦିକ ଉତ୍ସବାଙ୍କ ମହାନ୍ତି ଓ ସାନପୁଅ ଜଦି ଉତ୍ପଳ ମହାନ୍ତି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଶେଷରେ ଜଦି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ନୈତିକତା ଓ ସ୍ୱଚ୍ଛତା ହିଁ ସୁଶାସନର ମୂଳମନ୍ତ୍ର: ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ନିଜର ପ୍ରତିବଦ୍ଧତା ଦୋହରାଇଲା ଟିପିଏନ୍ଓଡିଏଲ୍



ବାଲେଶ୍ୱର, ୦୨/୧୧ (ଆ.ପ୍ର) : ନୈତିକତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଧାରିତ କାର୍ଯ୍ୟସଂସ୍କୃତିକୁ ସୁଦୃଢ଼ କରିବା ସହ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥା ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଛି ଟିପି ହର୍ବର୍ଟ ଓଡ଼ିଶା ଡିଷ୍ଟିଲ୍ୟୁସନ୍ ଲିମିଟେଡ୍ (ଟିପିଏଚ୍ଓଡିଏଲ୍) । ଅକ୍ଟୋବର ୨୭ରୁ ନଭେମ୍ବର ୧ ପର୍ଯ୍ୟନ୍ତ 'ସମୃଦ୍ଧି ପାଇଁ ସାଧୁତା' ବିଷୟବସ୍ତୁକୁ ନେଇ ପାଳିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ର ଉଦ୍‌ଯାପନୀ ସମାରୋହ ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଟିପିଏନ୍ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ତ୍ୟାଗୀ, ବାଣିଜ୍ୟିକ ଓ ବ୍ୟବସାୟିକ ଉତ୍କର୍ଷ ବିଭାଗ ମୁଖ୍ୟ ଶୁଭଦୀପ ରାୟଚୌଧୁରୀ, ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ମୁଖ୍ୟ ରମେନ୍ଦ୍ର ବାଳିକ, ଦୁର୍ନୀତି ନିବାରଣ ବିଭାଗ ମୁଖ୍ୟ ସତ୍ୟେନ୍ଦ୍ର ସାମନ୍ତରା ଓ ବିଭାଗୀୟ ଅଧ୍ୟକ୍ଷ ସମ୍ବା ରଜିକ କୁମାର ପଣ୍ଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ । କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ତ୍ୟାଗୀ କହିଥିଲେ ଯେ, ଦୈନନ୍ଦିନ କାର୍ଯ୍ୟ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସଚ୍ଚୋଟତା ଓ ନୈତିକ ଆଚରଣକୁ ପ୍ରାଥମିକତା ଦେବା ଅତ୍ୟାବଶ୍ୟକ । ନିର୍ଦ୍ଧାରିତ ନୀତିନିୟମର ଅନୁପାଳନ, କାର୍ଯ୍ୟରେ ପାରଦର୍ଶିତା ଓ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଅନୁଷ୍ଠାନର ବିଶ୍ୱସନୀୟତା ବୃଦ୍ଧି କରିବା ସହ ଜନସାଧାରଣଙ୍କ ଆସ୍ଥାକୁ ସୁଦୃଢ଼ କରିଥାଏ ବୋଲି ସେ ମତପ୍ରକାଶ କରିଥିଲେ । ସପ୍ତାହବ୍ୟାପୀ କର୍ମଶାଳା ପ୍ରସ୍ତାବିତ କାର୍ଯ୍ୟପଣ୍ଡିତ୍ୟ ଓ ସଚେତନତା ବୃଦ୍ଧି ସହ ନୈତିକ କାର୍ଯ୍ୟପଣ୍ଡିତ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତା ଓ ସହଭାଗିତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ଷେତ୍ରରେ ସମ୍ପାଦ୍ୟ ଅନୈତିକ ଆଚରଣ ଓ ଅନିୟମିତତା ଚିହ୍ନଟ କରିବା, ଭୟ ଓ ପ୍ରଶ୍ୟାତ୍ମକ ପ୍ରକ୍ରିୟାରେ ନିୟମାବଳୀର ପାଳନ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଉପଯୁକ୍ତ ମାଧ୍ୟମରେ ଅଭିଯୋଗ ଜଣାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଦୁର୍ନୀତି ନିବାରଣ ଓ ସତର୍କତା ଚେତନ ଏକ ବାର୍ଷିକ କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ସୁଶାସନ ଓ ଦାୟିତ୍ୱଶୀଳ ଅନୁଷ୍ଠାନିକ ବିକାଶର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନୈତିକତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ କାର୍ଯ୍ୟସଂସ୍କୃତିର ଅଭିନ୍ନ ଅଂଶ କରିବା ସହ ବାଲେଶ୍ୱର, ଉତ୍ତର, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଉପଭୋକ୍ତାମାନଙ୍କୁ ନିର୍ଭରଯୋଗ୍ୟ, ସୁରକ୍ଷିତ ଓ ଉପଭୋକ୍ତାକେନ୍ଦ୍ରିକ ବିଦ୍ୟୁତ୍ ସେବା ଯୋଗାଇବା ଦିଗରେ କମ୍ପାନୀ ନିଜର ପ୍ରତିବଦ୍ଧତା ଜାରି ରଖିବ ବୋଲି ପ୍ରକାଶ କରିଛି ।

ବନ୍ୟା ରିଲିଫ୍ ଚାଉଳରେ ହେରଫେର ଅଭିଯୋଗ ୭ ଦିନରେ ନ୍ୟାୟ ନହେଲେ ଗଣଧାରଣା



ଲଙ୍ଗଳେଶ୍ୱର, ୦୨/୧୧ (ଆ.ପ୍ର) : ବନ୍ୟାରେ ନିମ୍ନିମୁ ତାଲିପାଲ କ୍ଷତିଗ୍ରସ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟି ପଂଚାୟତର ଦକ୍ଷିଣ ଓ ଉତ୍ତର ମହାବନା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଏକପଟେ ବନ୍ୟାରେ ଘରଦ୍ୱାର ଓ ଧାନ ଫସଲ ନଷ୍ଟ ହୋଇଥିବା ବେଳେ, ଅନ୍ୟପଟେ ରିଲିଫ୍ ଚାଉଳ ବଂଟନରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ଅନୁଯାୟୀ ଜଣେ ମୁଣ୍ଡ ପିଛା ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ବାଲେଶ୍ୱର ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ ଲିଖିତ କେଜି ଏବଂ ଛୋଟ ପିଲାଙ୍କୁ ମୁଣ୍ଡ ପିଛା ଦୈନିକ ୫୦୦ ଗ୍ରାମ ଲେଖାଏ ସାତ ଦିନ ପାଇଁ ସମୁଦାୟ ୩ କେଜି ୫୦୦ ଗ୍ରାମ ଚାଉଳ ପ୍ରଦାନ କରିବା ପରିବର୍ତ୍ତରେ ଉଭୟଙ୍କୁ ସମୁଦାୟ ମୁଣ୍ଡପିଛା ମାତ୍ର ୧ କେଜି ୭୦୦ ଗ୍ରାମ ଚାଉଳ ଦେବାକୁ ଉଦ୍ୟମ କରାଯାଉଛି । ଏଥିସହ ବନ୍ୟା କ୍ଷତିଗ୍ରସ୍ତ ଅନେକ ପରିବାର ରିଲିଫ୍ ଚାଉଳ ବଂଟନରେ ଅନିୟମିତତା ହେଉଥିବା ନେଇ ଆବଶ୍ୟକୀୟ ରିଲିଫ୍ ସହାୟତାରୁ ବଂଚିତ ଥିବା କହିଛନ୍ତି । ଏହି ଘଟଣାରେ ମହାବନା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ପକ୍ଷରୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ବାଲେଶ୍ୱର ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି । ରିଲିଫ୍ ଚାଉଳ ବଂଟନରେ ନିଉପେକ୍ଷ ତତ୍ତ୍ୱ, ଯୋଗ୍ୟ ପରିଚାରକଙ୍କୁ ପ୍ରାପ୍ୟ ଚାଉଳ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ସହ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଆସନ୍ତା ୭ ଦିନ ମଧ୍ୟରେ ନ୍ୟାୟ ନମିଳିଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସାମାଜିକ ସଂଗଠନ 'ଆମ ଅଧିକାର ମାଉଣ୍ଟେସନ' ଏବଂ ଗ୍ରାମବାସୀ ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି । ଏତେ ପ୍ରଶାସନ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି, ତାହାକୁ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କପ୍-୨୦୨୬ ପାଇଁ ବାଲେଶ୍ୱରରେ କ୍ରୀଡ଼ା ପ୍ରସ୍ତୁତି ଜୋରଦାର

ବାଲେଶ୍ୱର, ୦୨/୧୧ (ଆ.ପ୍ର) : ରାଜ୍ୟରେ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବା ସହ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ମଂଚ ଯୋଗାଇଦେବା ଉଦ୍ଧ୍ୟରେ ଆୟୋଜିତ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ କପ୍ ?-୨୦୨୬ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାରେ ଚାଉଟି କ୍ରୀଡ଼ା ବିଭାଗରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ବାଲେଶ୍ୱର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଅକ୍ଟୋବର ୩୧ ତାରିଖରେ ଏକ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ରାଜ୍ୟ ଫୁଟବଲ୍ ସଂଘ, ଖୋଖୋ ସଂଘ, କବାଡ଼ି ସଂଘ, ରାଜିବଲ୍ ସଂଘ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ଫୁଟବଲ୍, ଖୋଖୋ ଓ ରାଜିବଲ୍‌ରେ ୧୪ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ଏବଂ କବାଡ଼ିରେ ୧୭ ବର୍ଷରୁ କମ୍ ବୟସର କ୍ରୀଡ଼ାବିତ୍‌ମାନେ ଭାଗ ନେଇପାରିବେ । ଆସନ୍ତା ନଭେମ୍ବର ୩୦ ତାରିଖରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବାବେଳେ ଆଂଶୁଘୁଳଦାରୀ ଖେଳାଳିମାନଙ୍କୁ ନିର୍ଦ୍ଧାରିତ ବୟସ ସୀମା ଓ ଜନ୍ମତାରିଖ ସମ୍ପର୍କିତ ନିୟମ ପୂରଣ କରିବାକୁ ପଡ଼ିବ । ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି । ଆଗ୍ରହୀ ଖେଳାଳିମାନେ ନଭେମ୍ବର ୧୪ ତାରିଖ ସୁଦ୍ଧା ପଞ୍ଜୀକରଣ ପ୍ରକ୍ରିୟା ଶେଷ କରିବାକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏହି ପ୍ରତିଯୋଗିତାରେ ସଫଳତା ଲାଭ କରୁଥିବା ଖେଳାଳିମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ସୁଯୋଗ ମିଳିବ । ଏହା ମାଧ୍ୟମରେ ଜିଲ୍ଲାରୁ ନୂତନ କ୍ରୀଡ଼ା ପ୍ରତିଭା ଚିହ୍ନଟ ହେବା ସହ ରାଜ୍ୟସ୍ତରରେ ବାଲେଶ୍ୱରର କ୍ରୀଡ଼ା ପ୍ରତିନିଧିତ୍ୱକୁ ସୁଦୃଢ଼ କରିବାର ଆଶା ରହିଛି । ଜେଣୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, କ୍ଲବ୍ ଓ ଅନୁଷ୍ଠାନର ଖେଳାଳିମାନେ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଅନୁରୋଧ କରିଛନ୍ତି ।

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ ରାଜ୍ୟସ୍ତରୀୟ ଉତ୍ସବକୁ ମନୋନୀତ ହେଲେ କୃତୀ ପ୍ରତିଯୋଗୀ



ବାଲେଶ୍ୱର, ୦୨/୧୧ (ଆ.ପ୍ର) : ଯୁବ ପ୍ରତିଭାର ବିକାଶ, ସୃଜନଶୀଳତା ଓ ଜଜାଳେପୁର୍ଣ୍ଣତାର ପ୍ରଦର୍ଶନ ପାଇଁ ଆୟୋଜିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଗୁରୁବାର ପଂଜାର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସଫଳତାର ସହ ଉଦ୍‌ଯାପିତ ହୋଇଛି । ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଯାପନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ମହାନ୍ତି ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ଭାଉଡ ଯୋଗଦେଇ ଯୁବପ୍ରତିଭିଙ୍କ ଅଭିନିହିତ ପ୍ରତିଭା, ଉତ୍ସାହ ଓ ସୃଜନଶୀଳତାର ଉଚ୍ଚ ପ୍ରଶଂସା କରିଥିଲେ । ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଜେତାମାନଙ୍କୁ ଆକର୍ଷଣୀୟ ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ପ୍ରତ୍ୟେକ ବିଜୟରୁ ଶ୍ରେଷ୍ଠ ଦୁଇଟି ଦଳ ଆଗାମୀ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ବାଲେଶ୍ୱର ଜିଲ୍ଲାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ବୋଲି ଘୋଷଣା କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣଚନ୍ଦ୍ର ଜେନା ଏବଂ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉତ୍ସବର ସୁପରିଚାଳନା ଓ ସଂଯୋଜନା କରିଥି

ଦୈନିକ
ଆରମ୍ଭ
SEITHO AKAMBHA
ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଅଧିକାର

ବର୍ତ୍ତମାନ ସମୟରେ "ଶିକ୍ଷାଗତ ଅଧିକାର", "ସୂଚନା ଅଧିକାର" ଓ "ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର" ଆଦି ପ୍ରକାର କଥାଗୁଡ଼ାକ ଶବ୍ଦ ଗୁଡ଼ିକ ବାରମ୍ବାର ବ୍ୟବହାର କରାଯାଉଥିବାର ଦେଖା ଯାଉଛି । ବହୁବାର ତୁମେ ମଧ୍ୟ ଅନୁଭବ କରିବ ଯେ, ତୁମର କେତେକ ଅଧିକାର ଅଛି । ସେହି ସମୟରେ ତୁମକୁ ମଧ୍ୟ କୁହାଯାଇପାରେ, ତୁମ ଶିକ୍ଷକ ହୋଇ ପାରନ୍ତି ଯେ, ତୁମର ମଧ୍ୟ ଅନ୍ୟଲୋକମାନଙ୍କ ପ୍ରତି, ସମାଜପ୍ରତି, ଦେଶ ବା ମନୁଷ୍ୟ ସମାଜପ୍ରତି କେତେକ କର୍ତ୍ତବ୍ୟ ରହିଛି । ତୁମେ କ'ଣ ଭାବୁଛ ପ୍ରତ୍ୟେକ ବ୍ୟକ୍ତି ତାର ଅଧିକାର ଉପଭୋଗ କରୁଛି ଓ ତାର କର୍ତ୍ତବ୍ୟ ସମ୍ପାଦନ କରୁଛି ଦେଖିହୁଏ ତୁହଁ । କିନ୍ତୁ ପ୍ରତ୍ୟେକ ଏକମତ ହେବ ଯେ, କେତେକ ଅଧିକାର ରହିଛି, ଯାହାକି ପ୍ରତ୍ୟେକ ନାଗରିକ ଉପରେ ସାଂବିଧାନିକ ଗାଣ୍ଠିରେ କେତେକ ଅଧିକାର ଅଛି ଯାହାକି ପ୍ରତ୍ୟେକ ନାଗରିକଙ୍କୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆ ଯାଇଛି । ସେହିପରି କେତେକ କର୍ତ୍ତବ୍ୟ ଅଛି, ଯାହାକି ପ୍ରତ୍ୟେକ ନାଗରିକ ସମ୍ପାଦନ କରିବାକୁ ବାଧ୍ୟ । ସେଥିପାଇଁ ଭାରତର ସମ୍ବିଧାନ ତାର ନାଗରିକ ମାନଙ୍କୁ କେତେକ ଅଧିକାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି, ଯାହାକୁ ମୌଳିକ ଅଧିକାର କୁହାଯାଏ । ଅନ୍ୟପକ୍ଷରେ ଭାରତୀୟ ସମ୍ବିଧାନ କେତେକ ମୌଳିକ କର୍ତ୍ତବ୍ୟ ତାଲିକାଭୁକ୍ତ କରିଛି, ଯାହାକି ପ୍ରତ୍ୟେକ ନାଗରିକ ସମ୍ପାଦନ କରିବା ଆଶାକରାଯାଏ । ଏଥାକୁ ମୌଳିକ କର୍ତ୍ତବ୍ୟ କୁହାଯାଏ । ଏହି ଅଧ୍ୟାୟ ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବାର ଲକ୍ଷ୍ୟ ରଖାଯାଇଛି । ଆମେ ବହୁ ସମୟରେ 'ଅଧିକାର' ବିଷୟରେ ଆଲୋଚନା କରୁ, କିନ୍ତୁ ତୁମେ ଜାଣିଛି "ଅଧିକାର"ର ଅର୍ଥ କ'ଣ "ଅଧିକାର" ହେଉଛି, ଲୋକମାନଙ୍କ ଜିତରେ ନିୟମର ଆଦାନ ପ୍ରଦାନ । ଏହା ଗୋଟିଏ ରାଷ୍ଟ୍ର, ବ୍ୟକ୍ତି ନିୟା ଦବର କାର୍ଯ୍ୟ ଉପରେ ପ୍ରଭାବ ବିସ୍ତାର କରେ । ଉଦାହରଣ ସ୍ୱରୂପ ଯଦି ଜଣଙ୍କର ଜୀବନ ଧାରଣର ଅଧିକାର ରହିଛି, ଏହାର ଅର୍ଥ ଅନ୍ୟକାହାର ତାକୁ ମାରିବାର ସ୍ୱାଧୀନତା ନାହିଁ । 'ଅଧିକାର' ର ଅର୍ଥ ହେଉଛି, ଜଣେ ବ୍ୟକ୍ତିର ତାହା ଯାହାକି ତାର ବ୍ୟକ୍ତିଗତ ଉନ୍ନତି ପାଇଁ ଆବଶ୍ୟକ ଏବଂ ତାହା ରାଷ୍ଟ୍ର ବା ସମାଜ ଦ୍ୱାରା ସ୍ୱୀକୃତ । ଏଗୁଡ଼ିକ ସ୍ୱାଧୀନତାର ନ୍ୟାୟିକ, ସାମାଜିକ ନିୟା ନୀତିଗତ ନିୟମ ଏବଂ ମୌଳିକ ସ୍ତରର ନିୟମ ଯାହାକି ଲୋକମାନଙ୍କୁ କେତେକ ନ୍ୟାୟିକ ଦାବିସ୍ତା, ସାମାଜିକପ୍ରଥା ଓ ନୀତିଗତ ସିଦ୍ଧାନ୍ତ ଅନୁସାରେ ପ୍ରଦାନ କରାଯାଇଛି । ଅଧିକାରକୁ ସାରାଂଶତ ମୌଳିକ ବୋଲି ବିଚାର କରାଯାଏ ଯେଉଁଥି ଏହା ସମାଜ ଓ ସଂପ୍ରତିର ପ୍ରଗତିଶୀଳ ବୋଲି ବିବେଚନା କରାଯାଏ । କିନ୍ତୁ ଅଧିକାରର ପ୍ରକୃତ ଅର୍ଥ ସାର୍ଥକ ହୁଏ ଯଦି ପ୍ରତ୍ୟକ ବ୍ୟକ୍ତି ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି । କର୍ତ୍ତବ୍ୟ ହେଉଛି, ଯାହା ଜଣେ ଲୋକ ପାଇଁ ସାଧ୍ୟ ଓ ଆବଶ୍ୟକ ଜରେ । ଉଦାହରଣ ସ୍ୱରୂପ ପିତାମାତାଙ୍କର ସେମାନଙ୍କ ସନ୍ତାନର ଯତ୍ନ ନେବା କର୍ତ୍ତବ୍ୟ । ତୁମର ତୁମ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ରହିଛି । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦେବା ଶିକ୍ଷକର କର୍ତ୍ତବ୍ୟ । ପ୍ରକୃତରେ ଅଧିକାର କର୍ତ୍ତବ୍ୟ ହେଉଛି ଦୁଇଟି ଛକ ଯାହା ଉପରେ ଜୀବନ ରଥ ସରଳ ଭାବରେ ଆଗକୁ ଗତିକରେ । ଜୀବନ ଆହୁରି ସରଳ ହୋଇ ପାରିବ ଯଦି ଅଧିକାର ଓ କର୍ତ୍ତବ୍ୟ ସାଙ୍ଗ ହୋଇ ଗତି କରିବେ ଓ ପ୍ରତ୍ୟକର ସହଯୋଗ ହେବେ । ଅଧିକାର ହେଉଛି, ଯାହା ଅନ୍ୟମାନେ ଆମପାଇଁ କରୁ ବୋଲି ଆମେ ଚାହାଁକରୁ । ଅନ୍ୟପକ୍ଷରେ କର୍ତ୍ତବ୍ୟ ହେଉଛି ଯେଉଁ କାର୍ଯ୍ୟ ଆମେ ଅନ୍ୟମାନଙ୍କ କରୁ । ତେଣୁ ଅଧିକାର ହେଉଛି ଅନ୍ୟର ଅଧିକାର ପ୍ରତି ସମ୍ମାନ ଦେଖାଇବା ପାଇଁ ଆମ ଭିତରେ ଏକ ପ୍ରତିଶ୍ରୁତି । ଅଧିକାର ସହିତ ରହିଥିବା ପ୍ରତିଶ୍ରୁତି ହେଉଛି କର୍ତ୍ତବ୍ୟ । ଯଦି ସର୍ବସାଧାରଣ ସୁବିଧା ଯଥା ପରିବହନ କିମ୍ବା ସ୍ୱାସ୍ଥ୍ୟସେବା ଉପଭୋଗ କରିବା ଆମର ଅଧିକାର ସେହିପରି ଏଥାମଧ୍ୟ ଆମର କର୍ତ୍ତବ୍ୟ । ଅନ୍ୟମାନଙ୍କୁ ଏହି ସୁବିଧାର ସୁଯୋଗ ପ୍ରଦାନ କରିବା । ଯଦି ସ୍ୱାଧୀନତା ପାଇଥା ଆମର ଅଧିକାର, ତାର ଅପବ୍ୟବହାର ନକରିବା ଓ ତାହାରା ଅନ୍ୟର କ୍ଷତି ନ ଘଟାଇବା ମଧ୍ୟ ଆମର କର୍ତ୍ତବ୍ୟ । ଆମେ ଯେପରି ଦେଖିଛୁ, ଅଧିକାର ହେଉଛି ତାହା ସମ୍ପତ୍ତ ଯାହାକି ଜଣେ ବ୍ୟକ୍ତି ଦଂଡିବା ଓ ଉନ୍ନତି କରିବା ପାଇଁ ନିହାତି ଦରକାର କରେ ।

ଦେଶବନ୍ଧୁ ଓ ଯୁଗବନ୍ଧୁ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମଜାମୁଜୁଷକ ମଧ୍ୟରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅନ୍ୟତମ । ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ । ସେ ଅବିଭକ୍ତ ଭାରତବର୍ଷର ଢାକ୍କା (ବର୍ତ୍ତମାନର ବାଙ୍ଗଲାଦେଶ) ନିକଟବର୍ତ୍ତୀ ବିକ୍ରମପୁରରେ ଏକ ସଂଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ । ଇଂଲଣ୍ଡରେ ଆଇନ ଶିକ୍ଷା ଜରି ସେ ବାରିଷ୍ଟର ହୋଇଥିଲେ । ଆଇପିସ୍ ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦ ପକ୍ଷରୁ ମାମଲା ପରିଚାଳନା କରି ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ । ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ । ସେ ଫରୱାର୍ଡ଼ ନାମକ ଇଂରାଜୀ ସାପ୍ତାହିକ ପ୍ରକାଶ କରୁଥିଲେ । ଜଲିଆନ୍‌ବାଲା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍ । ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ସାଥିମାନଙ୍କ ସହ ମତଭେଦ ଯୋଗୁଁ



ସେଇଠି ଆରମ୍ଭ

SEITHO ARAMBHA



ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୫

ରାୟଗଡ଼ ଠାରେ ଜିଲ୍ଲାପାଳଙ୍କର ମିଳିତ ଅଭିଯୋଗ ଶୁଣାଣି



ରାୟଗଡ଼, ୦୨/୧୧ (ଆ.ପ୍ର) : ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ରାୟଗଡ଼ ଜିଲ୍ଲାପାଳ ଅଖିଳେଶ ଗୁପ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ବୈଠକରେ ଆଗକ୍ଷୀ ଅଧ୍ୟୟନ ଓ ଗବେଷଣା ପ୍ରତିଷ୍ଠାନ, ଚନ୍ଦ୍ରଗିରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ, ଚନ୍ଦ୍ରଗିରି ମହାବିଦ୍ୟାଳୟ ଓ ଚନ୍ଦ୍ରଗିରି ଆଦର୍ଶ ମହାବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ଅଧ୍ୟକ୍ଷମାନେ ଉପସ୍ଥିତ ରହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ । ଏଥିରେ ମୋଟ ୫୨ଟି ଅଭିଯୋଗ ପଞ୍ଜିକୃତ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୩୯ ଏବଂ ୧୨ ଟି ସାମୁହିକ ଅଭିଯୋଗ ଶୁଣାଣି କରାଯାଇଥିଲା । ଉକ୍ତ ଅଭିଯୋଗ ଶୁଣାଣିରେ ଡେପୁଟେସ୍ପ ପାଣ୍ଡିତ୍ୟ ଜଣକୁ ୫ ହଜାର ଟଙ୍କା ପ୍ରଦାନ କରାଯଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ସମ୍ବନ୍ଧିତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଦଶପଲ୍ଲା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ଦଶପଲ୍ଲା, ୦୨/୧୧ (ଆ.ପ୍ର) : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପୁରିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ଦଶପଲ୍ଲା ଥାନା ପକ୍ଷରୁ ଏକତା ଦୌଡ଼ (ରନ୍ ଫର୍ ୟୁନିଟି) ଆୟୋଜିତ ହୋଇଥିଲା ।ଏହି ଦୌଡ଼ ଦଶପଲ୍ଲା ଅମଚୋଟାରୁ ଆରମ୍ଭ ହୋଇ ନିର୍ଦ୍ଦିଷ୍ଟ ରାସ୍ତା ଦେଇ ପିଛି ଛକଠାରେ ପହଂଚିଥିଲା । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ଥାନା ଅଧିକାରୀ ବିଜୟ ରଞ୍ଜନ ପରିଡ଼ା, ବାଣିଜୋଛା ଥାନା ଅଧିକାରୀ ଶିବପ୍ରସାଦ ଭତ୍ର, ଏଏସଆଇ ଅନୁଣ କୁମାର ଜେନାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ ।

ଅଷ୍ଟପ୍ରହରୀ ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ରାଇଘର, ୦୨/୧୧ (ଆ.ପ୍ର) : ନବଗଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ତିନାଳ ମନ୍ଦିର ଠାରେ ୨୪ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଅଷ୍ଟ ପ୍ରହରୀ ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୩, ୧୧, ୨୬ ତାରିଖ ମଙ୍ଗଳଘଟ ବିତା ୧୨ଟଂଗଟା ଠାରୁ ରାତ୍ରୀ ପର୍ଯ୍ୟନ୍ତ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି ଓ ୨୪ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟା ୮ଟଂଟା ସମୟରେ ନଗର ସଂକୀର୍ତ୍ତନ ହେବ । ଅଷ୍ଟ ପ୍ରହରୀ ନାମଯଜ୍ଞ ନିମନ୍ତେ ଚଳିତ ବର୍ଷ ୮ ରୁ ଅଧିକ କାର୍ତ୍ତନ ଦଳ ସାମିଲ୍ ହେବେ ବୋଲି ଜଣାଯାଇଛିଏ ଏବଂ ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆକାଶର ସହଭାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ । କମିଟିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସହଯୋଗ କରିବା ନେଇ ପ୍ରସ୍ତୁତି ବୈଠକ ଆଲୋଚନା ହୋଇଥିଲା । ଚଳିତ ବର୍ଷ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ପ୍ରମୁଲ୍ଲ କୁମାର ରୁଣି, ଉପ ସଭାପତି ଭାବେ ରଞ୍ଜିତ କୁମାର ପାଣ୍ଡିଗ୍ରାହୀ, ସମ୍ପାଦକ ଭାବେ ପଡିତ ସାହୁ, ସହ ସମ୍ପାଦକ ଭାବେ, ଅକ୍ଷୟ କୁମାର ଦାସ, କୋଷାଧ୍ୟକ୍ଷ ଭାବେ ବିକ୍ରମ ମଜାରଣା, ଉପଦେଷ୍ଟା ମଣ୍ଡଳୀରେ ଅକ୍ଷୟ ଦାସ, ପୁର୍ଣାନନ୍ଦ ବାରିକ, ଶ୍ରୀଜର୍ଷ ମହାପାତ୍ର, ରାଜକର ସିଂ ଜୈନୋଷ ମହାରଣା ପ୍ରମୁଖ ରହିଥିବା ବେଳେ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଗୁଜୁରାଟରେ ଆୟୋଜିତ ଜାତୀୟ ଏକତା ଦିବସ ୨୦୨୬ରେ ଚମତ୍କାର ଓଡ଼ିଶୀ ନୃତ୍ୟ ପରିବେଷଣ, ବିଭିନ୍ନ ମହଲରୁ ପ୍ରଶଂସା



ବ୍ରହ୍ମପୁର, ୦୨/୧୧ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଙ୍କଳ୍ପରେ ନୃତ୍ୟ ପରିବେଷଣ କରି ଓଡ଼ିଶା ବ୍ରହ୍ମପୁର ଓ ଦିଲ୍ଲୀ ପାଇଁ ଗୌରବ ଆଣିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଙ୍କଳ୍ପରେ ଅନୁଷ୍ଠିତ ଏହି ଭବ୍ୟ ସାଂସ୍କୃତିକ ସମାରୋହରେ ସଂସ୍ଥାନର ପ୍ରତିଷ୍ଠାତା ନିର୍ଦ୍ଦେଶିକା ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଡ. ଅପରା ମିଶ୍ର ନିଜର ୧୮ ଜଣ ଶିଷ୍ୟାଶିଷ୍ୟା ଓ ବ୍ରହ୍ମପୁରର ଗୁରୁ ସୁରଶ୍ରୀ ସାବତଙ୍କ ନୃତ୍ୟଦଳ । ଉଭୟ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଶିକ୍ଷା ମାନେ ଅତି ସୁନ୍ଦର ଭାବେ ନୃତ୍ୟ ପରିବେଷଣ କରି ସଭିଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି । ଜାତୀୟ ଏକତା ଦିବସ ୨୦୨୬ରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଗୌରବ ଅର୍ଜିଲେ ଜଜ୍ଜ ଜଜ୍ଜର ଜଜାକାରମାନେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଙ୍କଳ୍ପରେ ଗୁରୁ ଡ. ଅପରା ମିଶ୍ର ଓ ତାଙ୍କ ଦଳର ବିଚାରକ୍ଷମ ପ୍ରଦର୍ଶନ ଗୁଜରାଟରେ ନରେନ୍ଦ୍ରର ରେ ଗୁଜରାଟର ବିଶ୍ୱପ୍ରସିଦ୍ଧ ଷାଡ୍ୟୁ ଅପ୍ ୟୁନିଟି ପରିସରରେ ଆୟୋଜିତ ହୋଇଥିଲା । ରାଷ୍ଟ୍ରୀୟ ଏକତା ଦିବସ ୨୦୨୬ ଅବସରରେ ନୂଆଦିଲ୍ଲୀସ୍ଥିତ ଜଜ୍ଜ ଜଜ୍ଜ ସାଂସ୍କୃତିକ ସଂସ୍ଥାନର ଓଡ଼ିଶୀ ଜଜ୍ଜାଜାରମାନେ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରି ଓଡ଼ିଶା



ଆରମ୍ଭ

SEITHO ARAMBHA



ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ସାମ୍ବାଦିକଙ୍କ ସମସ୍ୟା ଜାତୀୟ ସ୍ତରରେ ଉଠାଇବି : ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ସଦସ୍ୟ ପ୍ରସନ୍ନ ମହାନ୍ତି

ଭୁବନେଶ୍ୱର, ୦୨/୧୧ (ଆ.ପ୍ର) : ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଚଉଡ଼ି)ର ସଦସ୍ୟ ଭାବେ ଦ୍ୱିତୀୟ ଥର ପାଇଁ ମନୋନୀତ ହୋଇଥିବା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତିଙ୍କୁ ଚରିବାର ଓଡ଼ିଶା ସାମ୍ବାଦିକ ଯୁନିଅନ (ଓୟୁଜେ) ପକ୍ଷରୁ ଉତ୍ତମ ସମ୍ବାଦକୀ ଦିଆଯାଇଛି । ସାମ୍ବାଦିକ କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ସାମ୍ବାଦିକଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ନିରନ୍ତର ଉଦ୍ୟମକୁ ସ୍ୱୀକୃତି ଜଣାଇ ତତ୍ତ୍ୱ ଏହି ସମ୍ମାନ। ଆୟୋଜନ କରିଥିଲା । ଏହି ଅବସରରେ ଶ୍ରୀ ମହାନ୍ତି କହିଥିଲେ ଯେ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ଦ୍ୱିତୀୟ ଥର ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତିଙ୍କୁ ଏହି ସମ୍ମାନ ଦିଆଯାଇଛି । ସାମ୍ବାଦିକ କ୍ଷେତ୍ରରେ ଜାତୀୟ ସ୍ତରରେ ଉଠାଇବା ପାଇଁ ସେ ନିରନ୍ତର ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସାମ୍ବାଦିକଙ୍କ ପାଇଁ ପ୍ରେସ୍ ଆକ୍କିଡିଟେସନ୍, ପେନସନ୍, ରେଳଯାତ୍ରାରେ ରିହାତି ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ଉପରି ପ୍ରସଙ୍ଗକୁ ସେ ପ୍ରାଥମିକତା ଦେବେ ବୋଲି କହିଥିଲେ । ସାମ୍ବାଦିକମାନଙ୍କ ନ୍ୟାଯ୍ୟ ଦାବି ଓ ସମସ୍ୟା ଯେପରି ପ୍ରେସ୍ କାଉନସିଲ୍‌ରେ ଉପଯୁକ୍ତ ଗୁରୁତ୍ୱ ପାଏ, ସେଥିପାଇଁ ଉଦ୍ୟମ କରିବେ ବୋଲି ସେ କହିଥିଲେ ।



ଏହି ପ୍ରସଙ୍ଗକୁ ସେ ଦିଗଦରେ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଏକ ବୈଠକରେ ଉଠାଇଥିବା ସୂଚନା ଦେଇ ଶ୍ରୀ ମହାନ୍ତି କହିଥିଲେ ଯେ ତାଙ୍କ ହସ୍ତକ୍ଷେପ ପରେ ଭୁବ ମାସ ମଧ୍ୟରେ ଓଡ଼ିଶା ପ୍ରେସ୍ ଆକ୍କିଡିଟେସନ୍ କମିଟି ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ଚଉଡ଼ ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କମିଟି ଗଠନ ନହେଲେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ବିବୟର କାରଣ ଦର୍ଶାଇବାକୁ ପ୍ରେସ୍ କାଉନସିଲ୍ ତତ୍ତାଦେଶ ବୋଲି ସେ କହିଥିଲେ । ଭୁବନେଶ୍ୱରସ୍ଥିତ ଚଉଡ଼ି ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ବିବୟର କାରଣ ଦର୍ଶାଇବାକୁ ପ୍ରେସ୍ କାଉନସିଲ୍ ତତ୍ତାଦେଶ ବୋଲି ସେ କହିଥିଲେ । ଭୁବନେଶ୍ୱରସ୍ଥିତ ଚଉଡ଼ି ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟର ବରିଷ୍ଠ ୩୦ଟି ଜିଲ୍ଲାରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ । ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ଚାରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଙ୍ଗଠନର ଉପସଭାପତି ସନ୍ତୋଷ ସିଂ ଦେଓ, ତ୍ରିଦ୍ୟୁତାଲ ଅଧ୍ୟକ୍ଷ ଅଭୟ ପତି, ଜିଗାଲ ସେଲ ଅଧ୍ୟକ୍ଷ ରାଜୀବ ମହାନ୍ତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଅବିତ୍ୟ ମେଦାପ, କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଅଶୋକ ନନ୍ଦ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ, ସମ୍ପାଦକ ଦେବପ୍ରସାଦ ଦାଶ, ବରିଷ୍ଠ ସାମ୍ବାଦିକ ଜିତୁ ସାଲାପତି ଏବଂ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବକ୍ତାମାନେ ଶ୍ରୀ ମହାନ୍ତିଙ୍କ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ଓ ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ତାଙ୍କ ଉଦ୍ୟମର ପ୍ରଶଂସା କରିଥିଲେ । ପ୍ରେସ୍ କାଉନସିଲ୍‌ରେ ତାଙ୍କ ନୂଆ ଦାୟିତ୍ୱ ଓଡ଼ିଶାର ସାମ୍ବାଦିକଙ୍କ ସ୍ୱାର୍ଥକୁ ଜାତୀୟ ସ୍ତରରେ ଅଧିକ ଶାଣିତ କରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ରାଜ୍ୟର ସାମ୍ବାଦିକଙ୍କ ଏକତା ଓ ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଜିଲ୍ଲାରେ ସାମ୍ବାଦିକମାନେ ଯୋଗ ଦେବାକୁ ଏହି ସଭାରେ ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟ ସାମ୍ବାଦିକଙ୍କ ଅସୁବିଧା ଓ ସମସ୍ୟା ଦିଗରେ ତତଃପରି ଆଗାମୀ ଦିନରେ ଆହୁରି ସକ୍ରିୟ ଭୂମିକା ନେବ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା । ରାଜ୍ୟ ବୋଲାଧ୍ୟକ୍ଷ ଅମୁକ୍ତା ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଟାଙ୍ଗୀ-ଭଟିମୁଣ୍ଡା ରୂପଯାତ୍ରା ଉଦ୍‌ଯାପିତ

ଟାଙ୍ଗୀ-ଚୌଦ୍ୱାର,୦୨/୧୧ (ଆ.ପ୍ର) : ପୁରା ଘୋଷଯାତ୍ରାରେ ସଂପୃକ୍ତ ଅଞ୍ଚଳ ଭାବେ ଜାର୍ଯ୍ୟ କରିଆସୁଥିବା ଭଟିମୁଣ୍ଡା ଗ୍ରାମର ମୁଖ୍ୟପର୍ବ ରୂପଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ପଂଚାୟତରେ ଥିବା ବିଭିନ୍ନ ଗ୍ରାମର ସାହି ଯଥା ଆନନ୍ଦପି ମା' ଦୁର୍ଗା, ତ୍ରିନାଥ ସାହି, ଶବର ସାହି, ଖଡିଦା ସାହି, ମା'ଅମିକା ସାହି, ମା'ଜନକଦେବୀ,ଚାରିଜ ଘର, ଚାରଚୀ ସାହି, ଚଣ୍ଡିଆ ସାହି, ଡୋଟା ସାହି, କୃଷ୍ଣମୋହନପୁର, ଚାରୁଣପାହି, ଚରିଜନ ସାହି,ପରିଡା ସାହି,ପାଟଶୀ ସାହି, ଚନ୍ଦ୍ରସାହି, କୁମାର ସାହି, ଚରିଜନ ସାହି- ୨, ବଖିଆ ସାହି, ଚାରିଜ ସାହି, ନୂଆସାହି ପ୍ରକୃତି ମା' ଦୁର୍ଗା, ଦରପାର୍ତ୍ତା, ରଧାକୃଷ୍ଣ, ନୃସିଂହନାଥ, ଜଗନ୍ନାଥଙ୍କ ମୂର୍ତ୍ତୁଯା ମୂର୍ତ୍ତି ସୁଜିକ ବିଶାକ ଶୋଭାଯାତ୍ରାରେ ଆସି ମେଚ ସୁଜିକ ଯାତ୍ରା ପଡ଼ିଆରେ ସାମିଲ ହୋଇଥିଲେ । ଗୋଦ୍ୱାର ଏସବିପିଝି ଜଗାଳାନ ନାୟକ ଓ ଥାନା ଅଧିକାରୀ ବିକ୍ରମକେଶ ସେଠୀ ଏହି ଯାତ୍ରାକୁ ମୁଖ୍ୟତଃ ଡିଜେ ମୁକ୍ତ ରୋଷଣୀ ଓ ନିଶାମୁକ୍ତ ଉତ୍ସାହି କରିବା ପାଇଁ ସମସ୍ତ କମିଟି ସଦସ୍ୟଙ୍କୁ ଅନୁରୋଧ କରିଥିଲେ । କମିଟିର ଜର୍ମକର୍ତା ମାନେ ଶାନ୍ତିଶୃଙ୍ଖଳାର ସହ ଉତ୍ସାହି ଉଦ୍‌ଯାପନ କରିଛନ୍ତି । ଟାଙ୍ଗୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଯାତ୍ରା ପଡ଼ିଆ ଓ ଉତ୍ସାହି ସ୍ଥଳରେ ଅଗ୍ନିଶାମ ବ୍ୟାପ କରାଯାଇ ମେଡ଼ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ନିର୍ଦ୍ଧାରିତ ସମୟରେ ବିରୂପା ନଦୀ ପଠାକୁ ନେଉଥିବାର ଦେଖିବାକୁ ମିଳିଥିଲା ଟାଙ୍ଗୀର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରେଡ୍‌ମେନ୍ସର ଅଧ୍ୟକ୍ଷ ତ୍ରିଦେବ ଦେବେରା ବିଭିନ୍ନ ମେଡ଼କୁ ସ୍ୱାର୍ଜନା କରିବା ସହ ଯାତ୍ରା ପଡ଼ିଆରେ ଏକ ମାରୁଣୀ କଳସେସୋ ଓ ଚା ଯୋଗାର ଦେଇଥିଲେ । କମିଟି ପକ୍ଷରୁ ଯାତ୍ରା ପଡ଼ିଆରେ ଜଳସମ୍ପଦ ବିଭାଗ, ଅଗ୍ନିଶମ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଓ ଟାଙ୍ଗୀ ପୁଲିସର ସହାୟତାକୁ ଯାତ୍ରା କମିଟି ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି । ପୂଜା କମିଟିର ସଭାପତି ଚୌଧୁରୀ ତରଣ ଦାସ, ସମ୍ପାଦକ ଜୈକାସ ସାହୁ, ଚରିମୁଣ୍ଡା ସରପଂଚ ତାପସ ସାହୁ, ହୃଷିକେଶ ସାହୁ, ମାନସ ପୃଷ୍ଟି, ସୁଜିକ ନାରାୟଣ ସାହୁ, ବାପକ ସାହୁଙ୍କ ସହ ଗ୍ରାମବାସୀଙ୍କ ସାହାଯ୍ୟରେ ଯାତ୍ରାଟି ସମାପକ ହୋଇଥିଲା

ରାଷ୍ଟ୍ରୀୟ ଏକତା ଦିବସରେ ଝରୀଗାଁ ପୋଲିସର ସଚେତନତା ବାର୍ତ୍ତା

ଝରୀଗାଁ, ୦୨/୧୧ (ଆ.ପ୍ର) : ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲାର ଝରୀଗାଁଠାରେ ଝରୀଗାଁ ପୋଲିସ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ନଚ୍ଛନମୁକ୍ତ ଭାରତ, ନିଶାମୁକ୍ତ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନର ବାର୍ତ୍ତା ନେଇ ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଝରୀଗାଁ ଥାନା ଆଇଆଇସି ଚରିତା ମାଢ଼ମାଙ୍କିଙ୍କ ସମେତ ଲକ୍ଷ୍ମୀନାରାୟଣ ଦୋରା, ଏଏସ୍‌ଆଇ ପ୍ରଭାତ କୁମାର ବରାଡ଼, ଏଏଆଇ ଉତମ କୁମାର ନାୟକ, ଏଏଆଇ ଅଜୟ କୁମାର ନାୟକ, ଏମ୍‌ଟି ବିଶୋଇ, ହାବିଲଦାରଙ୍କ ସମେତ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ପୋଲିସ ପକ୍ଷରୁ ନଚ୍ଛନ୍ତାଦର କୁପରିଣାମ, ନିଶାଦ୍ରବ୍ୟ ସେବନର ରାୟତଦାରୀ, ସାମାଜିକ ଶାନ୍ତି ଓ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯାଇଥିଲା । ବିଶେଷକରି ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରହିବା, ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପରୁ ନିବୃତ ରହିବା, ଆଇନକୁ ସମ୍ମାନ କରିବା ଏବଂ ସମାଜରେ ଶାନ୍ତି, ଏକତା ଓ ଭାଇଚାରା ବଜାୟ ରଖିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା । ଏଥିସହ ନିଶା ସେବନ ଓ ନଚ୍ଛଦାବରୁ ଦୂରେଇ ରହି ଶିକ୍ଷା, ସଚେତନତା ଓ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ ଏକ ଜନ୍ତୁତ ସମାଜ ଗଠନ କରିବାକୁ ପୋଲିସ ପକ୍ଷରୁ ବାର୍ତ୍ତା ଦିଆଯାଇଥିଲା । ସେକୌଣସି ସନ୍ଦେହଜନକ କିମ୍ବା ଅସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସକୁ ସୂଚନା ଦେବା ପାଇଁ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

ରାମଚଣ୍ଡୀ ଶିକ୍ଷା ନିକେତନର ୨୦୦୦ ବ୍ୟାଚ୍‌ର ବନ୍ଧୁମିଳନ, ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୨/୧୧ (ଆ.ପ୍ର) : ରାମଚଣ୍ଡୀ ଶିକ୍ଷା ନିକେତନର ୨୦୦୦ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ, ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ପୁରାତନ ସହପାଠୀମାନେ ଏକାଠି ହୋଇ ବିଦ୍ୟାଳୟ ଜୀବନର ପୁରୁଣା ସୃତିକୁ ମନେ ପକାଇବା ସହ ଗୁରୁଜନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ଧ୍ରୁବତରଣ ପାତ୍ର, ରାଗୀରଥ ସାହୁ, ଅଭିମନ୍ୟୁ ସାର, ମାୟାଧର ସାହୁ, ରେଶୁବାଳା ମଲ୍ଲ, ଜନଜଲତା ଲଙ୍କ, ରେବତୀ ଗରିଜ, ଯଦୁମଣି ସିଂହ, ବିରାଟକେଶରୀ ସାମଲ, ମଦନମୋହନ ନାୟକ, ତପସ୍ୱିନୀ ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ଲୁଜଡିହାରୀ ସାମଲ, ଅଶୋକ ଜେନା, ଗାୟତ୍ରୀ ଶୋଷାଲ, ପ୍ରିୟଙ୍କା, ଗୁନଗୁନ, ଉତରତ ଓ ପ୍ରତିଷ୍ଠାଙ୍କ ସମେତ ଗୁରୁଜନ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ପୁରାତନ ଛାତ୍ରଙ୍କ ଉପସ୍ଥିତି: ଗୌତମ, ପ୍ରଶାନ୍ତ



ଆଚାର୍ଯ୍ୟ, ଅବନ୍ତୀ ବର୍ମନ, ଅରୁପାନନ୍ଦ, ଅନିରୁଦ୍ଧ, ଅଜୟ ମହାରଣା, ଅଲିଗାମ, ଅଶୋକ, ବିଜୁମ, ବିପିନ ସେଠୀ, ଜ୍ଞାନପ୍ରକାଶ, ଗୁଡ୍ଡାନନ୍ଦ, ଚିତରଞ୍ଜନ, ଦୁଷ୍ମନ୍ତ, ଜୈତବ୍ୟ, କରୁଣାକର, କାହୁଚରଣ, ମୃତ୍ୟୁଞ୍ଜୟ, ମନୋଜ ପଣ୍ଡା, ମଧୁସୂଦନ, ନିରଞ୍ଜନ, ପ୍ରଶାନ୍ତ ସେଠୀ, ପ୍ରମୋଦ, ରଞ୍ଜନ ଦାସ, ରଞ୍ଜନ ସେଠୀ, ରଞ୍ଜନ ମହାରଣା, ସଞ୍ଜୀବ ରାଉତ, ସଞ୍ଜୟ, ଖୁଶାନ୍ତ, ଖୁଦାକର, ସୁରଥ, ସୁରେନ୍ଦ୍ର, ସନ୍ତୋଷ,ବନାଚଳ, ସୁଚିରଞ୍ଜନ, ଡମରୁଧର,ଶ୍ରୀଧର, ଶ୍ରୀକାନ୍ତ, ତାନସେନ ଓ ଉତମ । ପୁରାତନ ଛାତ୍ରୀଙ୍କ ଉପସ୍ଥିତି: ଲିପିକା, ପ୍ରଭାମିନୀ, ସଂଘମିତ୍ରା, ଜଡିଶ୍ରୀ, ଜନଜାକ୍ଷୀ, ବନଜଡାସିନୀ, ସୁଲୋଚନା, ଦମୟନ୍ତୀ, ସସ୍ମିତା, ଅମିତା, ଶ୍ରଦ୍ଧାଞ୍ଜଳି, ଗାତାଞ୍ଜଳି, ମୋନାଲିସା, ଦୃର୍ଘଲତା, ଜୟନ୍ତୀ, ସୌଦାମିନୀ, ସୌଦାମିନୀ ଦେହେରା, ଓଷା ଓ ଉର୍ମିଳା । ଏହି ଅବସରରେ ଗୁରୁଜନମାନଙ୍କୁ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ଶିକ୍ଷାଦାନ, ମାର୍ଗଦର୍ଶନ ଓ ଜୀବନ ଗଠନରେ ଥିବା ଅବଦାନକୁ ସ୍ମରଣ କରାଯାଇଥିଲା । ଏଥିସହ ବିଦ୍ୟାଳୟ ବିଦଂଗତ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସୃତିରେ ଗୁଚ୍ଛ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୁଣା ସାଙ୍ଗକୁ ଫେରିଇଁଦିବ ଉରିବା ସହ ଗୁଜୁ-ଶିକ୍ଷାଙ୍କ ମଧ୍ୟରେ ଥିବା ଶ୍ରଦ୍ଧା, ସମ୍ମାନ ଓ ବନ୍ଧୁତ୍ୱର ଅତୁଟ ବନ୍ଧନକୁ ଆହୁରି ମଜବୁତ କରିଥିଲା ।

ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଡଶପଲ୍ଲା, ୦୨/୧୧ (ଆ.ପ୍ର) : ଡଶପଲ୍ଲା ପଂଚାୟତ ସମିତି ପରିସରସ୍ଥିତ ମିଶନ ଶକ୍ତି କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୧୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ୭ଟି ପେନସନ, ଗୋଟିଏ ରାସନ କାର୍ଡ଼, ଗୋଟିଏ ଆବାସ ଯୋଜନା ଏବଂ ୩ଟି ଅନ୍ୟାନ୍ୟ ବିଭାଗ ସମ୍ପର୍କିତ ଅଭିଯୋଗ ରହିଥିଲା ।ତେବେ ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଥିବା ଦେଖିବାକୁ ମିଳିଥିଲା । ବିଡିଓ ଶରତ କୁମାର ମଲ୍ଲିକ ଓ ଏଡିଓ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ସମେତ ଜାତଗଣତି କେତେକ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ । ଫଳରେ ବିଭିନ୍ନ ବିଭାଗ ସମ୍ପର୍କିତ ସମସ୍ୟାର ସମାଧାନ ନେଇ ଶିବିରର ରବବେଶ୍ୟ ଓ ଉପଯୋଗିତାକୁ ନେଇ ପ୍ରଶ୍ନ ଉଠିଛି । ଅଭିଯୋଗ ଶୁଣାଣି ଭଳି ଜନସ୍ୱାର୍ଥ ସମ୍ପୃକ୍ତ କାର୍ଯ୍ୟକ୍ରମରେ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତି ନିଶ୍ଚିତ ହୋଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।



ସାମୁଦ୍ରିକ ଝଡ଼ 'ମୁଗାସୁ' ଆଶଙ୍କା: କନ୍ଧମାଳରେ ୨ ଦିନ ସ୍କୁଲ ଓ ଅଙ୍ଗନବାଡ଼ି ବନ୍ଦ

ବ୍ରହ୍ମପୁର, ୦୨/୧୧ (ଆ.ପ୍ର) : ସାମ୍ବାଦ୍ୟ ବାତ୍ୟା 'ମୁଗାସୁ' ଓ ଏହାର ପ୍ରଭାବରେ ପ୍ରବଳ ବର୍ଷା ଆଶଙ୍କା କୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜୁଆ ଅର୍ଜନ୍ତାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବ୍ରହ୍ମପୁର ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ୦୩ ଓ ୪ ତାରିଖ ଦୁଇଦିନ ପାଇଁ ସମସ୍ତ ବ୍ରହ୍ମପୁର ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପତ୍ର ସଂଖ୍ୟା ୨୮୫/ତାରିଖ ୦୨.୧୧.୨୦୨୬ ମାଧ୍ୟମରେ ଆଦେଶ ଜାରି କରିଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ । ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଉକ୍ତ ଦୁଇଦିନ ବନ୍ଦ ରଖାଯିବ । ତେବେ ଶିକ୍ଷାନୁଷ୍ଠାନ ବନ୍ଦ ରହିଲେ ମଧ୍ୟ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ପାଇଁ ଏହି ନିର୍ଦ୍ଦେଶରେ କୋଉଳ କରାଯାଇ ନାହିଁ । ଜନସାଧାରଣଙ୍କ ଆବଶ୍ୟକତା, ଜରୁରୀ ସେବା ଓ ବିପର୍ଯ୍ୟୟ ପରିଚାଳନାକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନିଜ ନିଜ ବିଦ୍ୟାଳୟରେ ଉପସ୍ଥିତ ରହି ଦାୟିତ୍ୱ ପାଳନ କରିବାକୁ କୁହାଯାଇଛି । ସାମ୍ବାଦ୍ୟ ବାତ୍ୟା ଓ ଦର୍ଷାଜନିତ ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ଯାତାୟାତକୁ ନେଇ ଯେପରି କୌଣସି ଅସୁବିଧା କିମ୍ବା ଅଘଟଣ ନଘଟେ, ସେଥିପାଇଁ ପ୍ରଶାସନ ଏହି ଆଜୁଆ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

ସିନାପାଲି ପିଏମ୍‌ଶ୍ରୀ ହାଇସ୍କୁଲରେ ଛାତ୍ର ସଂସଦର ଅଧିବେଶନ



ସିନାପାଲି, ୦୨/୧୧ (ଆ.ପ୍ର) : ଗଣତାନ୍ତ୍ରିକ ବ୍ୟବସ୍ଥା, ସଂସଦୀୟ କାର୍ଯ୍ୟପ୍ରଣାଳୀ ଓ ନେତୃତ୍ୱ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରାୟୋଗିକ ଜ୍ଞାନ ଦେବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ସିନାପାଲି ପିଏମ୍‌ଶ୍ରୀ ହାଇସ୍କୁଲ ପରିସରରେ ଏକ ଆକର୍ଷଣୀୟ ସ୍କୁଲ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଭିନ୍ନ ପଦପଦବୀର ଦାୟିତ୍ୱ ତୁଲାଇଥିଲେ । ଜେଜି ବାଚସ୍ପତି ତ ଆଉ ଜଣେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିଧାୟକ ଓ ବିଭିନ୍ନ ବିଭାଗର ଅଧିକାରୀ ଭୂମିକାରେ ଅତବାର୍ତ୍ତା ହୋଇ ଅଧିବେଶନକୁ ଜୀବନ୍ତ କରିଥିଲେ । ଅଧିବେଶନରେ ବିଦ୍ୟାଳୟରେ ଶିକ୍ଷକ ଅଭାବ, ନାରୀ ନିର୍ଯାତନା ଓ କୃଷି କ୍ଷେତ୍ରର ବିଭିନ୍ନ ସମସ୍ୟା ଜଳି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀମାନେ ଯୁକ୍ତିତର୍କ ଓ ଆଲୋଚନା କରିଥିଲେ । ବିଭିନ୍ନ ସମସ୍ୟା ଉତ୍‌ଥାପନ କରିବା ସହ ତାହାର ସମାଧାନ ଦିଗରେ ନିଜ ନିଜର ମତାମତ ରଖିଥିଲେ । ଏହାଦ୍ୱାରା ଛାତ୍ରଛାତ୍ରୀଙ



ଆରମ୍ଭ

SEITHO ARAMBHA



ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ନାୟକାଣୀଡିହିରେ ବିଜେଡିର ମହାମିଶ୍ରଣ ପର୍ବ
ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହେଲେ କର୍ମୀ



ବାସୁଦେବପୁର, ୦୨/୧୧ (ଆ.ପ୍ର) : ବର୍ଷକ ବନ୍ଧୁ, ବାସୁଦେବପୁର ବ୍ଲାକ୍‌ନୀଡିରେ ବିଜେଡିର ସାଂଗଠନିକ ଶକ୍ତି ବୃଦ୍ଧି ପାଇଁ ଆଉ ଏକ ପ୍ରୟାସ। ନାୟକାଣୀଡିହିରେ ଆୟୋଜିତ ହୋଇଛି ବିଜୁ ଜନତା ଦଳର ମହାମିଶ୍ରଣ ପର୍ବ। ଅନ୍ୟ ଦଳ ଛାଡ଼ି ସହ ସଂଖ୍ୟାରେ ମହିଳା ଓ ପୁରୁଷ ଯୁବକ ମାନେ ବିଜେଡିରେ ସାମିଲ ହୋଇଛନ୍ତି ନୂଆ କର୍ମୀ। ଦଳୀୟ ନେତା ଓ କର୍ମୀଙ୍କ ଉପସ୍ଥିତିରେ ଆଗାମୀ ଦିନରେ ପଂଚାୟତକୁ ଏକ ଆଦର୍ଶ ପଂଚାୟତ ଭାବେ ଗଢ଼ି ତୋଳିବା ସହ ସଂଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ବିଜେଡି ଜିଲ୍ଲା ସଭାପତି ସୁଦର୍ଶନ ଦାସ ଏହି ନୂତନ କର୍ମୀଙ୍କୁ ସ୍ୱାଗତ କରିବା ସହ ସଂଗଠନକୁ ଦୃଢ଼ମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବାସୁଦେବପୁର ବ୍ଲକ ବିଜେଡି ନାୟକାଣୀଡିହି ଗ୍ରାମ ପଂଚାୟତକୁ ଉଚ୍ଚାନ୍ତ ପ୍ରଧାନ ତଥା ଫିଂଟୁ ବାବୁଙ୍କ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଉତ୍ସାହ। ଏହି ଅବସରରେ ବିଜେଡିର ନୀତି, ଆଦର୍ଶ ଓ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳର କର୍ମୀମାନେ ବିଜୁ ଜନତା ଦଳରେ ସାମିଲ ହୋଇଥିବା କୁହାଯାଇଛି। ଦଳୀୟ ନେତାମାନେ ନୂତନ କର୍ମୀଙ୍କୁ ସ୍ୱାଗତ କରିବା ସହ ସାଂଗଠନିକ ଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ସୁଦର୍ଶନ ଦାସ, ଜିଲ୍ଲା ଉପସଭାପତି ଦିବାକର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଦିବ୍ୟଜ୍ୟୋତି ପରିଡା, ବ୍ଲକ ସଭାପତି ଜୟନ୍ତ କୁମାର ଜେନା, ବ୍ଲକ ଉପସଭାପତି ପ୍ରଫୁଲ୍ଲ ପଟିତାଙ୍କ ସମେତ ଅତିରିକ୍ତ ମାଝୀପାଡ଼ୁ, ରମେଶ ମହାଳିକ, ବରେନ୍ଦ୍ର କୁମାର ମାଝୀପାଡ଼ୁ, ରମାକାନ୍ତ ମହାଳିକ ଓ ସଞ୍ଚାଳକ ମାଝୀପାଡ଼ୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ନାୟକାଣୀଡିହିରେ ଆୟୋଜିତ ଏହି ମହାମିଶ୍ରଣ ପର୍ବ ମାଧ୍ୟମରେ ପଂଚାୟତ ସ୍ତରରେ ନିଜ ସଂଗଠନକୁ ଆହୁରି ମଜବୁତ କରିବା ସହ ଜନସେବାକୁ ଗୁରୁତ୍ୱ ଦେବା ଉପରେ ଫୋକସ୍ କରିଛି ବିଜେଡି।

ଶ୍ରୀ ଶ୍ରୀ ମାଧବାନନ୍ଦ ଜିୟୁ ପୀଠରୁ
ଶୁଭାରମ୍ଭ ହେଲା 'ମାଧବାନ୍ନ ପ୍ରସାଦ'

ନିମାପଡା, ୦୨/୧୧ (ଆ.ପ୍ର) : ଐତିହାସିକ ତଥା ଆଧ୍ୟାତ୍ମିକ ପୀଠ ଶ୍ରୀ ଶ୍ରୀ ମାଧବାନନ୍ଦ ଜିୟୁଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ପାଇଁ 'ମାଧବାନ୍ନ ପ୍ରସାଦ' ସେବାର ଶୁଭାରମ୍ଭ ହୋଇଯାଇଛି। ମନ୍ଦିର ପ୍ରଶାସନ ତଥା ସ୍ଥାନୀୟ ସେବାୟତ ଓ ଦୃଷ୍ଟ ଭୋର୍ତର ମିଳିତ ସହଯୋଗରେ ଆଜିଠାରୁ ଏହି ମାହାତ୍ମ୍ୟପୂର୍ଣ୍ଣ ପ୍ରସାଦ ସେବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପୀଠକୁ ଆସୁଥିବା ଦୂରଦୂରାନ୍ତର ଶ୍ରଦ୍ଧାଳୁ ଓ ଭକ୍ତମାନେ ଯେପରି ଅନ୍ନ ପ୍ରସାଦରୁ ବଂଚିତ ନ ହେବେ, ସେଥିପାଇଁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ହାତକୁ ନିଆଯାଇଛି। ଆଜି ସକାଳେ ମାଧବାନନ୍ଦ ଜିୟୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାର୍ଚ୍ଚନା ଶେଷ ହେବା ପରେ ପ୍ରଥମ ଚରଣ ଦେବ ଗୋସ୍ୱାମୀ ସମାଜସେବୀ ପିତାମହ ଆଚାର୍ଯ୍ୟଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ଦୃଷ୍ଟି, ସେବାୟତ ଦ୍ୱିତ ଏବଂ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଉଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ଶ୍ରୀ ମାଧବଙ୍କ ପୀଠକୁ ଆସୁଥିବା ଭକ୍ତାର ଭକ୍ତ ଭାଗ୍ୟର ଭାଗ୍ୟ ଉଦୟକୁ ହେବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପଦକ୍ଷେପକୁ ନେଇ ଅଂଚଳବାସୀ ତଥା ଭକ୍ତମଣ୍ଡଳରେ ପ୍ରଶଂସାର ଲହରୀ ଖେଳିଯାଇଛି।

ମଦମୁକ୍ତ ପଂଚାୟତ ଦାବିରେ ମହିଳାଙ୍କ ରଣହୁଙ୍କାର
ମଦ ବିକ୍ରି ବନ୍ଦ ନହେଲେ ପଂଚାୟତ ନିର୍ବାଚନ ବର୍ଜନ ଚେତାବନୀ



କୋରାପୁଟ, ୦୨/୧୧ (ଆ.ପ୍ର) : ଗାଁରୁ ମଦ ହଟାଅ, ପରିବାର ବଂଚାଅ। ମଦ୍ୟପାନ ଯୋଗୁଁ ବିପର୍ଯ୍ୟସ୍ତ ହେଉଥିବା ପାରିବାରିକ ଜୀବନ ଓ ସାମାଜିକ ପରିବେଶକୁ ନେଇ ଏବେ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ। ଜଟ୍ଟା ପଂଚାୟତର ୩ ଟି ଖଣ୍ଡ ଗ୍ରାମର ଶତାଧିକ ମହିଳା ମଦ ବିକ୍ରି ବନ୍ଦ ଦାବିରେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପଂଚାୟତର ବିଭିନ୍ନ ଗ୍ରାମରେ ବେଶୀ ଓ ବିଦେଶୀ ମଦର ଅବାଧ ବିକ୍ରି ଯୋଗୁଁ ଅନେକ ପରିବାରରେ ଅଶାନ୍ତି ଲାଗି ରହିଛି। ସ୍ୱାମୀମାନେ ମଦ୍ୟପାନ କରି ମାତାଲ ଅବସ୍ଥାରେ ଘରକୁ ଫେରୁଥିବାରୁ ପରିବାରରେ ଜଳହ ବଢୁଛି। ଦିନମଜୁରିଆ ରାତେ କାମ କରି ମହିଳାମାନେ ପରିବାର ଚଳାଇବାକୁ ସଂଘର୍ଷ କରୁଥିବା ବେଳେ ମଦ ପାଇଁ ରୋଜଗାର ଅର୍ଥ ନଷ୍ଟ ହେଉଛି। ଏପରିକି ମଦ୍ୟପାନ ଓ ଏହା ସହ ଜଡ଼ିତ ଦୁର୍ଘଟଣା ଯୋଗୁଁ ଅନେକ ପରିବାରରେ ଅଳାଳରେ ରୋଜଗାରିଆ ସଦସ୍ୟକୁ ହରାଇବାକୁ ପଡୁଥିବା ସେମାନେ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତ୍ୟେକ ଗ୍ରାମରେ ବେଶୀ ଓ ବିଦେଶୀ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମହିଳାମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀଙ୍କୁ ଲେଟି ଲିଖିତ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ଯଦି ମଦ ବିକ୍ରି ବନ୍ଦ ନହୁଏ, ତେବେ ଆଗାମୀ ପଂଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ମଦମୁକ୍ତ ପଂଚାୟତ ଗଠନ ପାଇଁ ମହିଳାଙ୍କ ଏହି ଦୃଢ଼ ଦାବି ଉପରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ କି ପଦକ୍ଷେପ ନେଉଛନ୍ତି, ଏବେ ତାହାକୁ ଅପେକ୍ଷା।

ବାତ୍ୟା ଆଶଙ୍କା ମଧ୍ୟରେ ରଘୁନାଥପୁରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ
ବିକାଶ କାର୍ଯ୍ୟକ୍ରମର ସଜବାଜକୁ ନେଇ ପ୍ରଶ୍ନବାଚୀ

ଜଗତସିଂହପୁର, ୦୨/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଆସନ୍ତା ୪ ତାରିଖରେ ହେବାକୁ ଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କାର୍ଯ୍ୟକ୍ରମକୁ ସଜବାଜକୁ ନେଇ ଏବେ ଉଠିଛି ପ୍ରଶ୍ନ। କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ଲକ ଇଲୋନିରେ ଟେଣ୍ଡରାର୍ଯ୍ୟ ଆରମ୍ଭ ହେବା ସହ ପାଲ ପକାଯିବା ଏବଂ ମଂଚ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ। ତେବେ ଗୋଟିଏ ପଟେ ଆଗାମୀ ଦିନରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଓ ବାତ୍ୟା ଆଶଙ୍କାକୁ ନେଇ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ଭୟ ଏବଂ ଏହାକୁ ନେଇ ପ୍ରଶାସନ ସଜାଗ ହେଉଥିବାବେଳେ ଅନ୍ୟପଟେ ବିରାଟ ପଞ୍ଚଲୁ ଆୟୋଜିତ କାର୍ଯ୍ୟକ୍ରମକୁ ନେଇ ଅଂଚଳରେ ବିଭିନ୍ନ ପ୍ରତିକ୍ରିୟା ବେଖାଦେବାଛି। ବାତ୍ୟା କିମ୍ବା ପ୍ରବଳ ବର୍ଷାର ସମ୍ଭାବନା ଥିବା ସମୟରେ ପାଲ ଓ ଅସ୍ଥାୟୀ ମଂଚର ସୁରକ୍ଷା ସହ ଅଂଶଗ୍ରହଣକାରୀଙ୍କ ନିରାପତ୍ତା କୁନେର ଉଠିଛି ପ୍ରଶ୍ନ। ଏଭଳି ପରିସ୍ଥିତିରେ ରଘୁନାଥପୁର ବ୍ଲକ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଏହି ପାଣିପାଗ ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ, ତାହା ମଧ୍ୟ ସନ୍ଦେହ ଘେରରେ। କାର୍ଯ୍ୟକ୍ରମ ଆୟୋଜନ ଠାରୁ ପାଣିପାଗଜନିତ ବିପଦ ସମୟରେ ଜନସାଧାରଣଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ।

ଗୁମ୍ଫା ବ୍ଲକରେ ଲଗାଣ ବର୍ଷାଜନିତ କ୍ଷୟକ୍ଷତିର
ଆକଳନ ଓ ସମୀକ୍ଷା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



ପାରଳାଖେମୁଣ୍ଡି, ୦୨/୧୧ (ଆ.ପ୍ର) : ଗଜପତି ଜିଲ୍ଲାର ଗୁମ୍ଫା ବ୍ଲକ ଅଂଚଳରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷୟକ୍ଷତିର ଆକଳନ ଓ ସମୀକ୍ଷାକୁ ନେଇ ଗୁମ୍ଫା ବ୍ଲକ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ବର୍ଷାଜନିତ କ୍ଷୟକ୍ଷତିର ସ୍ଥିତି ଓ ଆକଳନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଗୁମ୍ଫା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ସତର ଏବଂ ସ୍ୱାସ୍ଥ୍ୟ ଅଧିକାରୀ ଓ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଲଗାଣ ବର୍ଷା ଯୋଗୁଁ ଗୁମ୍ଫା ବ୍ଲକର ବିଭିନ୍ନ ଅଂଚଳରେ ହୋଇଥିବା କ୍ଷୟକ୍ଷତିର ସ୍ଥିତି, ପ୍ରଭାବିତ ଅଂଚଳର ପରିସ୍ଥିତି ଏବଂ କ୍ଷୟକ୍ଷତିର ସଠିକ୍ ଆକଳନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ବର୍ଷା ଯୋଗୁଁ ପ୍ରଭାବିତ ଜନସାଧାରଣଙ୍କ ସମସ୍ୟା, ଆବଶ୍ୟକ ସହାୟତା ଓ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଧାୟକ ରୂପେଶ ପାଣିଗ୍ରାହୀ ବର୍ଷାଜନିତ କ୍ଷୟକ୍ଷତିର ସ୍ଥିତିକୁ ଗୁରୁତ୍ୱର ସହ ନେଇ ପ୍ରଭାବିତ ଅଂଚଳର ସଠିକ୍ ଆକଳନ ଓ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକ ଗୁମ୍ଫା ବ୍ଲକରେ ଲଗାଣ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ ଓ ପ୍ରଭାବିତ ଅଂଚଳର ଆବଶ୍ୟକତା ଚିହ୍ନଟ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଗୁରୁତ୍ୱ କରାଯାଇଛି।

ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ଠାରେ 'ଅନ୍ନଯଜ୍ଞ' କାର୍ଯ୍ୟକ୍ରମ ଅନୁଷ୍ଠିତ



ବୃହତ୍ପୁର, ୦୨/୧୧ (ଆ.ପ୍ର) : ପବିତ୍ର କାର୍ତ୍ତିକ ମାସର ଦ୍ୱିତୀୟ ସୋମବାର ଉପଲକ୍ଷେ ବୃହତ୍ପୁର ସହରର ଆରାଧ୍ୟ ଦେବତା ଦାଦା ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ଠାରେ 'ଅନ୍ନଯଜ୍ଞ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ମାସର ଦ୍ୱିତୀୟ ସୋମବାର ଉପଲକ୍ଷେ ଦାଦା ନୀଳକଣ୍ଠେଶ୍ୱର ମହାଦେବଙ୍କୁ ପ୍ରାୟ ଦୋଢ଼ିଏ ହଜାରରୁ ଉର୍ଦ୍ଧ ଭକ୍ତ ଦର୍ଶନ କରିଥିବା ବେଳେ ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ 'ଅନ୍ନଯଜ୍ଞ' ରେ ପ୍ରାୟ ସାତ ହଜାରରୁ ଉର୍ଦ୍ଧ ଭକ୍ତ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ। ଏହି ସାମୟିକ କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ଦୃଷ୍ଟି ଜଗଦୀଶ ପାଣିଗ୍ରାହୀ, ସଭାପତି ଜାଜାବିଙ୍କର ପାତ୍ର,ସମ୍ପାଦକ ବଂଶାଧର ଦେହେରା, ବି ପ୍ରଶାନ୍ତ ପାତ୍ର, ଦାମୋଦର ପାଣିଗ୍ରାହୀ, ଅକ୍ଷୟ କୁମାର ବଳେଜ, ରବିନ୍ଦ୍ର ସାହୁ, ଜଗନ୍ନାଥ ପଣ୍ଡା, ସଦାନନ୍ଦ ସେନାପତି, ମନୋଜ ପଣ୍ଡା, ବିପ୍ରଚରଣ ବଳେଜ, କୁମାର ବେହେରା, ଏସ୍ ବଂଶପାଣି, କେଦାର ପାଣିଗ୍ରାହୀ, ସଦାଶିବ ପାତ୍ର, ଖଣ୍ଡି ସାହୁ, ସନ୍ୟାସୀ ନାୟକ, ସିଏଚ ଶ୍ରୀନିବାସ, ପୃଥିଲ ପାତ୍ର, ବି ନାନା, କେ ହରି ନାରାୟଣ ସୁବୁଦ୍ଧି, ବିରୂପ ବେହେରା, କୃଷ୍ଣ ଚନ୍ଦ୍ର ସେନାପତି, ଲିଉବ ସ୍ୱାଇଁ, ବଦ୍ଧପାଣି ସାହୁ, ବୀରଜଉ ରାଓ, ମୋହନ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ସେଠୀ, ସୁଜିତ କୁମାର ସାହୁ, ପୂଜାରୀ ଚତୁର୍ଦ୍ଦଶୀଶ୍ୱର ପ୍ରତିନିଧି, ନାରାୟଣ ପ୍ରତିନିଧି, କୃଷ୍ଣ ପ୍ରତିନିଧି, ମୁକେଶ ରାଉତ, ଶିବା ରାଉତ, ଛୋକାର ଚନ୍ଦ୍ର ରାଉତ, ସୀମାଂତନ ରାଉତ, ଦିନେଶ ରାଉତ, ମଙ୍ଗେଶ ରାଉତ, ଶଙ୍କର ରାଉତ, ପ୍ରମୁଖଙ୍କ ସମେତ ମହାଦେବଙ୍କ ଭକ୍ତ ସହଯୋଗୀ ସଭ୍ୟ ସହଯୋଗ କରିଥିଲେ।

ଶାଳଣିଆଁ ବଜାରରେ ମାରପିଟ୍, ୨ ଆହତ


ହାତଡିହି, ୦୨/୧୧ (ଆ.ପ୍ର) : ଜେନ୍ତୁଡ଼ର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଶାଳଣିଆଁ ବଜାରରେ ଉଦିବାର ରାତିରେ ଉଭୟ ଗ୍ରାମର ଦୁଇଜଣ ମାରପିଟ୍ ହୋଇ ଆହତ ହୋଇଛନ୍ତି। ଆହତମାନେ ହେଲେ ଅଜୟ ଦାସ (୩୯) ଏବଂ ଜଣଙ୍କ ପଂଚାୟତ ସରପଂଚଙ୍କ ସ୍ୱାମୀ ମଣିଚରଣ ଜେନା (୫୩)। ଉଭୟଙ୍କୁ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପଂଚାୟତରେ ଉଠା ବଂଟନକୁ ନେଇ ବହୁଦିନ ଧରି ଚାଲିଥିବା ବିବାଦ ଏହି ସଂଘର୍ଷର ମୁଖ୍ୟ କାରଣ ବୋଲି କୁହାଯାଉଛି। ରବିବାର ରାତିରେ ଅଜୟ ଦାସ ଶାଳଣିଆଁ ବଜାରକୁ ଆସିଥିବାବେଳେ ମଣିଚରଣ ଜେନାଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ଆନାର ବାଦପ୍ରତି ହୋଇଛନ୍ତି। ଲିଖିତ ଅଭିଯୋଗ ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜଣଙ୍କ ପଂଚାୟତରେ ୪୦ରୁ ଉର୍ଦ୍ଧ୍ୱ ମୃତବ୍ୟକ୍ତିଙ୍କ ନାମରେ ଉଠା ଉଠାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତତ୍ତ୍ୱ ତାଲିଘୁଡା ବେଳେ ଏହି ଘଟଣାକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗିରହିଛି।

୧୬ ଜଣ ଗରିବ ବ୍ୟବସାୟୀଙ୍କୁ ଠେଲା ଗାଡ଼ି ବଂଟନ



ଖଣ୍ଡପଡା, ୦୨/୧୧ (ଆ.ପ୍ର) : ଖଣ୍ଡପଡ଼ା ଅଂଚଳର ଗରିବ ବ୍ୟବସାୟୀଙ୍କୁ ସ୍ୱାବଲମ୍ବୀ କରିବାର ମହତ ଲକ୍ଷ୍ୟ ନେଇ ଜାତୀୟ ଅଖା ସମସ୍ତର ସମିତି ପକ୍ଷରୁ ୧୬ ଜଣଙ୍କୁ ଠେଲାଗାଡ଼ି ବଂଟନ କରାଯାଇଥିବା ଜଣାପଡିଛି। ଭାରତୀୟ ଜନତା ଯୁବ ମୋର୍ଚ୍ଚା ଖଣ୍ଡପଡ଼ା ସଭାପତି ଅଭିମନ୍ୟୁ ପଣ୍ଡାଙ୍କ ପ୍ରତ୍ୟେକ୍ଷାନୁମେ ଉଠା ବ୍ୟବସାୟୀଙ୍କୁ ଏକ କାର୍ଯ୍ୟକ୍ରମ ଜରିଆରେ ଏହି ଠେଲାଗାଡ଼ି ପ୍ରଦାନ କରାଯାଇଥିବା ବେଳେ ଉକ୍ତ ବ୍ୟବସାୟୀମାନେ ବିଭିନ୍ନ ବ୍ୟବସାୟ କରି ଜୀବିକା ନିର୍ବାହ କରିପାରିବେ ବୋଲି ଜଣାପଡିଛି। ଫଳରେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇ ପାରିବ ବୋଲି ଶ୍ରୀ ପଣ୍ଡା ଆଶାବ୍ୟକ୍ତ କରିଛନ୍ତି। ଏ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ଅଣ୍ଡା ସମନ୍ୱିତ ସମିତିର ମୁଖ୍ୟ ବଦ୍ଧର ଅଜିତ କୁମାର ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଠେଲାଗାଡ଼ି ଗୁଡିକୁ ବଂଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସଂଗଠନ ଜିତେନ୍ଦ୍ର କୁମାର କାଟିଆ, ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ସାହୁ, ସମିତି କୁମାର ସାହୁ, ନୟାଗଡ଼ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସତ୍ୟେନ୍ଦ୍ର ଶେଖର ମିଶ୍ର ଓ ପଉମେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଚେକାର ଯୁବକ, ଯୁବତୀଙ୍କ ସମେତ ଆର୍ଥିକ ଅନଗ୍ରସର ବର୍ଗର ବାଛିକୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ମୁଳ ଲକ୍ଷ୍ୟ ଅଟେ ବୋଲି ଜଣାପଡିଛି।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଖୋରଧା, ୦୨/୧୧ (ଆ.ପ୍ର) : ଖୋରଧା ଜିଲ୍ଲା ସଦର ମହକୁମା ଜିଲ୍ଲା ପରିଷଦ ସଭାଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ଅମିତ୍ ଉତ୍ପଲାଳକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ୦ ୯ ଗୋଟି ଅଭିଯୋଗର ତଦ୍ଦାନ ସମାପ୍ତାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜୁନୁବାଳା ଜେନା, ମାଟିଆପଡ଼ା, ଜଡିପଡ଼ା, ଚିଲିକା ବୁଲୁଙ୍କୁ ଚିକିତ୍ସା ନିମନ୍ତେ ୧୫ ହଜାର, କୁସୁମ ବାଣ୍ଡି, ଗ୍ରାମ: କାଜାମାଟିଆ, ଧୁଜିମୁହାଣ, ଖୋରଧାଙ୍କୁ ଚିକିତ୍ସା ନିମନ୍ତେ ୧୫ ହଜାର, ସୁଧାରାଣି ନାୟକ, ଗ୍ରାମ: ପାଇକ ଡିଗିରିଆ, ଖୋରଧାଙ୍କୁ ଆର୍ଥିକ ସହାୟତା ଜନିତ ୨୫ ହଜାର, ପ୍ରସନ୍ନ ମହାଉଣା, ଗ୍ରାମ: ସାଗର ଗାଁ, ଦୋଲଗଡ଼କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୨୦ ହଜାର, ସୁଷମା ପରିଡ଼ା, ଗ୍ରାମ: ବଣିଆଟାଙ୍ଗି, ଖୋରଧାଙ୍କୁ ଆର୍ଥିକ ସହାୟତା ଜନିତ ୧୫ ହଜାର ଏବଂ ଅନୁପୂର୍ଣ୍ଣା ସେଠୀ, ଗ୍ରାମ: ମାଥିପୁର, ବାଲିସାହାଣାକୁ ଆର୍ଥିକ ସହାୟତା ଜନିତ ୨୦ ହଜାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲ୍ଲା ପାନ ଅର୍ଥ ମଞ



ଶୀର୍ଷକନ୍ଦ ଆରମ୍ଭ
SEITHO ARAMBHA



ମଙ୍ଗଳବାର, ୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆଇସିସି ଦିନିକିଆ ମାନ୍ୟତା: ୧୧୫ ରେଟିଂ ସହ ଶୀର୍ଷରେ ଭାରତ



ନୂଆଦିଲ୍ଲୀ, ୨/୧୧(ନ୍ୟୁ.ଏ): ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପ୍ରକାଶିତ ସଦ୍ୟତମ ଦିନିକିଆ ମାନ୍ୟତାରେ ଭାରତୀୟ ଦଳ ନିଜର ଏକ ନୟର ସ୍ଥାନ ବଜାୟ ରଖିଛି । ୧୧୫ ରେଟିଂ ପଏଣ୍ଟ ସହ ଟିମ୍ ଇଣ୍ଡିଆ ବିଶ୍ୱର ଶୀର୍ଷ ଦଳ ଭାବେ ନିଜର ଦବଦବା ଜାରି ରଖିଛି । ଅନ୍ୟପକ୍ଷରେ, ଦ୍ୱିତୀୟ ସ୍ଥାନରେ ନ୍ୟୁଜିଲାଣ୍ଡ, ତୃତୀୟରେ ଦକ୍ଷିଣ ଆଫ୍ରିକା, ଚତୁର୍ଥରେ ପାକିସ୍ତାନ ଏବଂ ପଂଚମ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି । ଏହି ତାଲିକାରେ ଆଫଗାନିସ୍ତାନ ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ନିଜ କ୍ରିକେଟ୍ ଇତିହାସର ସର୍ବକାଳୀନ ଶ୍ରେଷ୍ଠ ମାନ୍ୟତା ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଛି । ଚଳିତ ବର୍ଷ ଭାରତୀୟ ଦଳର ଦିନିକିଆ ପ୍ରଦର୍ଶନ ମିଶ୍ରିତ ରହିଥିଲେ ମଧ୍ୟ ମାନ୍ୟତାରେ ଏହାର ଶୀର୍ଷ ସ୍ଥାନ ପ୍ରଭାବିତ ହୋଇନାହିଁ । ଜୁନ୍ ମାସରେ ଖେଳାଯାଇଥିବା ଦିନିକିଆ ଶୃଙ୍ଖଳାରେ ଭାରତ ୩-୦ରେ ଆଫଗାନିସ୍ତାନକୁ ହ୍ୱାଇଟ୍‌ୱାଶ୍ କରିଥିବା ସତ୍ତ୍ୱେ ରୋହିତ ଶର୍ମା ଓ ବିରାଟ କୋହଲି ଅବସର ଘୋଷଣା କରିଥିବା ବେଳେ ଜୁଲାରେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୨-୨ରେ ଡ୍ରା ଖେଳିଥିଲା । ଏହା ପୂର୍ବରୁ ଜାନୁଆରୀରେ ଘରୋଇ ମାଟିରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳାକୁ ଭାରତ ୧-୨ରେ ହାରିଯାଇଥିଲା । ତେଣୁ ଆସନ୍ତା ବୁଧବାରଠାରୁ ବିଶ୍ୱ ଦଳ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଜିତି ଭାରତ ନିଜର ପୂର୍ବ ପରାଜୟର ପ୍ରତିଶୋଧ ନେବା ସହ ମାନ୍ୟତାରେ ନିଜ ସ୍ଥିତିକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିବ । ଅନ୍ୟପଟେ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଏତିହାସିକ ଉଚ୍ଚାନ ଏବେ ବିଶ୍ୱ କ୍ରିକେଟ୍‌ରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ଦଳ ଲଗାତାର ଦମଦାର ପ୍ରଦର୍ଶନ କରି ୬ଷ ସ୍ଥାନ ହାସଲ କରିଛି । ଆସନ୍ତାକାଲି ବିସ୍ତାରେ ୪-୦ରେ ସିରିଜ୍ ଜିତିବ୍ୱାକୁ ଚାହିଁବ । ସହିତ ଜିମ୍ବାବ୍ୱେ ଓ ବାଂଲାଦେଶକୁ ନେଇ ଅନୁଷ୍ଠିତ ତିରାଷ୍ଟ୍ରୀୟ ଶୃଙ୍ଖଳାରେ ଅପରାଜିତ ରହି ଚାମ୍ପିଅନ୍ ହେବା ଆଫଗାନିସ୍ତାନକୁ ଏହି ଉଚ୍ଚ ସଫଳତା ଆଣିଦେଇଛି । ଉଲ୍ଲେଖ ଯୋଗ୍ୟ ଯେ ଭାରତ ଓ ଜିନ୍ ବୋଲିଂରେ ଦଳର ସବୁଠୁରୁ ପ୍ରଦର୍ଶନ ସୋମାନଙ୍କୁ ବିଶ୍ୱର ପ୍ରମୁଖ କ୍ରିକେଟ୍ ଶକ୍ତି ଭାବେ ଛିଡ଼ା କରାଇଛି ।

ବର୍ଷିଲେ ବମ୍ବେ ହାଇକୋର୍ଟ, ନିଃସର୍ତ୍ତ କ୍ଷମା ମାଗିଲେ ଅଭିନେତା ଇମ୍ରାନ



ମହାରାଷ୍ଟ୍ର, ୨/୧୧(ନ୍ୟୁ.ଏ): ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଏକ ବିକ୍ଷୋଭରେ ସାମିଲ ହେବା ପ୍ରସଙ୍ଗରେ ବଲିଉଡ୍ ଅଭିନେତା ଇମ୍ରାନ ଖାନଙ୍କ ଉପରେ ସୋମବାର ଖୁବ୍ ବର୍ଷିଛନ୍ତି ବମ୍ବେ ହାଇକୋର୍ଟ । କୋର୍ଟ ତାଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି, ଆପଣ ଜଣେ ଓରଜିନାଲ୍ ସିଟିଜେନ୍ ଅଫ୍ ଇଣ୍ଡିଆ କାର୍ଡ ହୋଲଡ଼ର । ଆପଣ ଜଣେ ଭାରତୀୟ ନାଗରିକ ଭଳି ବ୍ୟବହାର କରିପାରିବ ନାହିଁ । ଆପଣ ଏଆଇଆର ଉପରେ କିଛି କହିପାରିବ ନାହିଁ । କୌଣସି ଆନ୍ଦୋଳନରେ ଅଂଶଗ୍ରହଣ କରିବା ପାଇଁ ଆପଣଙ୍କର କୌଣସି ଅଧିକାର ନାହିଁ । କୋର୍ଟରେ ଆପଣଙ୍କୁ ଏକ ସ୍ପଷ୍ଟ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ । କୋର୍ଟ ଆହୁରି କହିଥିଲେ, ଯଦି ଜଣେ ଭାରତୀୟ ନାଗରିକ ଆମେରିକାରେ ଏହିଭଳି ବିକ୍ଷୋଭରେ ସାମିଲ ହୋଇଥାଆନ୍ତ, ତା'ଛେଲେ ତାଙ୍କର ଅବସ୍ଥା ଚ'ଣ ହୋଇଥାଆନ୍ତା ଆପଣ କଳ୍ପନା କରନ୍ତୁ । ତାଙ୍କୁ ତତ୍‌କ୍ଷଣାତ୍ ବିମାନରେ ବସାଇ ଭାରତ ପଠାଇ ଦିଆଯାଇପାରନ୍ତା ।

ଇମ୍ରାନ ଖାନ ଅକ୍ଟୋବର ୧୦ ତାରିଖରେ ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଏକ ବିକ୍ଷୋଭରେ ସାମିଲ ହେବା ପରେ ତାଙ୍କୁ ୨୮ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମୁମ୍ବାଇ ସ୍ଥିତ ବିଦେଶୀ ଆଂଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଇମ୍ରାନ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଇମ୍ରାନଙ୍କ ଏହି ଆବେଦନ ଉପରେ ଶୁଣାଣି କରି ଆଜି ହାଇକୋର୍ଟ ତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । କୋର୍ଟରେ ଇମ୍ରାନଙ୍କ ଓକିଲ ଇକ୍ବଟେଶ ଧୋଖ କହିଥିଲେ ଯେ ସେ (ଇମ୍ରାନ) ତାଙ୍କର ପୂରା ଜୀବନ ଭାରତରେ ବିତାଇଛନ୍ତି । ଆମେରିକାରେ ଜନ୍ମ ହୋଇଥିବାରୁ ତାଙ୍କୁ ସେଠାକାର ନାଗରିକତା ମିଳିଛି । ଏହା ଉପରେ ମନ୍ତବ୍ୟ ଦେଇ କୋର୍ଟ କହିଥିଲେ, ଯେହେତୁ ସେ ପିଲା ବେଳୁ ଭାରତରେ ରହି ଆସୁଛନ୍ତି, ତା'ଛେଲେ କାହିଁକି ଭାରତର ନାଗରିକତା ଗ୍ରହଣ କରୁ ନାହାନ୍ତି । ସେ ଏଠାରେ ବଢିଉଠିବା ଜଣେ ଷ୍ଟାର ମଧ୍ୟ ହୋଇପାରିଛନ୍ତି । କୋର୍ଟ ଆହୁରି ମଧ୍ୟ କହିଥିଲେ ଯେ ଇମ୍ରାନ ଖାନ ଏତେ ଦିନ ଯେଉଁଠି ଭାରତରେ ରହିବେ�ଣି ସେ ଯେ ଜଣେ ଓସିଆର ଜାର୍ଡ ହୋଲ୍‌ଡର ହୋଇ ବୁଲି ଗଲେଣି ।

ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ଏକାଧିକ କଟକଣା

ନୂଆଦିଲ୍ଲୀ, ୨/୧୧(ନ୍ୟୁ.ଏ): ଦିଲ୍ଲୀରେ ବିଷାକ୍ତ ପବନକୁ ନେଇ ବଢ଼ିରହା ଗରାରାଙ୍କ ଚିନ୍ତା । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲାଗୁ ହେଲା ନୂଆ କଟକଣା । ପୁରୁଣା ଗାଡ଼ିର ପ୍ରବେଶ ଉପରେ ରୋକ୍‌ଠାରୁ ଆରମ୍ଭ କରି ଖୁବ୍ ଫ୍ରମ୍ ହୋମ୍ ପର୍ଯ୍ୟନ୍ତ ଏକାଧିକ ପଦକ୍ଷେପ ନିଆଯାଇଛି । ଏପରିକି ଗାଡ଼ିର ଚଟର ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ଓ ଡିଜେଲ ମିଳିବ ନାହିଁ । ନଭେମ୍ବର ୧ରୁ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଏହି କଟକଣା ଲାଗୁ ରହିବ । ପ୍ରଥମ କଟକଣା ହେଉଛି ଗାଡ଼ି ଚଳାଚଳ ଉପରେ । ଦିଲ୍ଲୀ ବାହାରେ ପଞ୍ଜୀକୃତ ୫୫-୦୫ ମାଇଲୋଠାରୁ କମ୍ ମାଇଲ ଗାଡ଼ିକୁ ରାଜଧାନୀରେ ପ୍ରବେଶ ଅନୁମତି ମିଳିବ ନାହିଁ । ତେବେ ଇଲେକ୍ଟ୍ରିକ୍, ଜଘଏ ଏବଂ ଜରୁରୀକାଳୀନ ସେବାରେ ନିୟୋଜିତ ଗାଡ଼ିକୁ ଏଥିରୁ ଛାଡ଼ ଦିଆଯାଇଛି । ଦ୍ୱିତୀୟ କଟକଣା ହେଉଛି ଖୁବ୍ ଫ୍ରମ୍ ହୋମ୍ । ସରକାରୀ ଓ ଘରୋଇ କାର୍ଯ୍ୟାଳୟର ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରିବେ । ଏହାଦ୍ୱାରା ରାସ୍ତାରେ ଗାଡ଼ି ସଂଖ୍ୟା କମିବା ସହ ଯାତାୟାତ ଜନିତ ପ୍ରଦୂଷଣ ସ୍ତର ପାଉଣ୍ଡା ଲକ୍ଷ୍ୟ ରଖାଯାଇଛି । ତୃତୀୟ କଟକଣା ଅନୁସାରେ, ଗାଡ଼ିର ବିଏ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା ଚଟର ନଥିଲେ ପେଟ୍ରୋଲ ପମ୍ପରେ ଇନ୍ଧନ ମିଳିବ ନାହିଁ । ଚତୁର୍ଥ ପଦକ୍ଷେପ ଭାବେ ଧୂଳି ସୃଷ୍ଟି କରୁଥିବା ନିର୍ମାଣ କାମ ଉପରେ କଟକଣା ଲଗାଯାଇଛି । ଏଥିସହ ଦିଲ୍ଲୀର ସରକାରୀ ପାର୍କିଂରେ ପାର୍କିଂ ଫି' ଦୁଇଗୁଣ କରାଯାଇଛି । ଗାଡ଼ି ବ୍ୟବହାରକୁ ନିଜୁଣଭିତ କରିବା ଏହାର ଉଦ୍ଦେଶ୍ୟ । ଯାତାୟାତ ଭିତ୍ତି କମାଇବା ପାଇଁ ସରକାରୀ କାର୍ଯ୍ୟାଳୟର ସମୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ବିବାଦୀୟ ମନ୍ତବ୍ୟ: ହାତ ଯୋଡ଼ି କ୍ଷମା ମାଗିଲେ ଧୀରେନ୍ଦ୍ର ଶାସ୍ତ୍ରୀ



ନୂଆଦିଲ୍ଲୀ, ୨/୧୧(ନ୍ୟୁ.ଏ): ଉତ୍ତରାନ ଶ୍ରୀକୃଷ୍ଣଙ୍କୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟ ଉପରେ ସ୍ୱଷ୍ଟାକରଣ ଉଖୁଛନ୍ତି ବାଗେଶ୍ୱରଧାମର ପୀଠାଧୀଶ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ । ଜଣାବାତନ ସମୟରେ ଧୀରେନ୍ଦ୍ର ଶାସ୍ତ୍ରୀ ଉତ୍ତରାନ ରାମଙ୍କ ସହ ଉତ୍ତରାନ କୃଷ୍ଣଙ୍କ ତୁଳନା କରିଥିବେ । କିନ୍ତୁ ଏଥିପାଇଁ ସେ ବ୍ୟବହାର କରିଥିବା ଶବ୍ଦକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ସ୍ୱଷ୍ଟାକରଣ ଦେଇ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି, "ଗୋଟିଏ ରିଡିଓରେ ଆମେ ରାଧାବିହୀନ ହୋଇ ପାରୁନାଙ୍କୁ ସ୍ୱେରଣା ଅଭିମାନରେ କହିଥିବୁ ଯେ, ଆମର ରାମଜୀ ସରନ, କିନ୍ତୁ ପାରୁନାଙ୍କୁ ଟିକେ ଚଙ୍କା । ଏହାର ଅନେକ ଲୋକ ଭୁଲ ଅର୍ଥ ବାହାର କରି ବିଭିନ୍ନ ପ୍ରଶ୍ନରେ ଅନାବଶ୍ୟକ ଆଲୋଚନା ଆରମ୍ଭ କରିଦେଇଛନ୍ତେ । ଆମେ ନମ୍ରତାର ସହ କହିବାକୁ ଚାହୁଁଛୁ ଯେ, ଆମେ ନିଜେ ଠାକୁରଜୀଙ୍କ ଭକ୍ତ । ଆମେ ତୁଳନାକାରୀ ନୁହେଁ । ଆମେ ନିଜେ ଠାକୁରଜୀଙ୍କ ଭକ୍ତ । ଶ୍ରୀକୃଷ୍ଣ ଜନ୍ମଭୂମି ପାଇଁ ଆମେ ବାଲୟାର ସ୍ୱର ଉଠାଇଥାଉ । ଆମ ନାମରେ ମଧ୍ୟ ତାଙ୍କ ନାମ ରହିଛି । ତାଙ୍କ କୃପାରୁ ହିଁ ଆମର ଜୀବନ । ତେଣିକି ଆମ କଥା ଓ ଭାବନାର ବ୍ୟାଖ୍ୟା ଯୋଗୁଁ ଯଦି କାହା ମନରେ କିଛି ଆଘାତ ଲାଗିଥାଏ, ତେବେ ଆମେ ନମ୍ରତାର ସହ କ୍ଷମା ପ୍ରାର୍ଥନା କରୁଛୁ ।"

ତୃଣମୂଳ କଂଗ୍ରେସକୁ ପୁଣି ବଡ଼ ଝଟକା, ଅନେକ ବରିଷ୍ଠ ପୂର୍ବତନ କାଉନସିଲର ନିର୍ବାଚନ ଲଢ଼ିବାରୁ ଓହରିଲେ



କୋଲକାତା, ୨/୧୧(ନ୍ୟୁ.ଏ): ଡିସେମ୍ବରରେ ହେବାକୁ ଥିବା କୋଲକାତା ମ୍ୟୁନିସିପାଲ କର୍ପୋରେସନ୍ ନିର୍ବାଚନ ପୂର୍ବରୁ ତୃଣମୂଳ କଂଗ୍ରେସକୁ ଏକ ବଡ଼ ଝଟକା ଲାଗିଛି । ବଳର ଅନେକ ବରିଷ୍ଠ ପୂର୍ବତନ କାଉନସିଲର ନିର୍ବାଚନ ଲଢ଼ିବାରୁ ଓହରି ଯାଇଛନ୍ତି । ଏହି ତାଲିକାରେ କୋଲକାତାର ପୂର୍ବତନ ମେୟର ପିରହାଦ ହାକିମ ଏବଂ ଶୋଭନ ଚାଟାର୍ଜୀ ମଧ୍ୟ ସାମିଲ ଅଛନ୍ତି । ଏକାବ୍ୟବୋତ ମେୟର-ଇନ୍-କାଉନସିଲର ଅନେକ ପୂର୍ବତନ ସଦସ୍ୟ ଏବଂ ବୋଲା ଅଞ୍ଚଳ ମଧ୍ୟ ନିର୍ବାଚନ ମାଇଦାନକୁ ଓହ୍ଲାଇବାକୁ ଆସ୍ତ୍ରୁତା ନାହାନ୍ତି । ବରିଷ୍ଠ ନେତାମାନେ ନିର୍ବାଚନରୁ ଓହରିଯିବା ପରେ ତୃଣମୂଳ କଂଗ୍ରେସର ଉତ୍ତର ଘୋଷା ସଂଖ୍ୟକର ୨୦୯ଟି ୱାର୍ଡ ପାଇଁ ପ୍ରାର୍ଥୀ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି । ଗୋଟିଏ ଘୋଷାର ନେତୃତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ନେଉଥିବା ବେଳେ ଅନ୍ୟ ଘୋଷାର ନେତୃତ୍ୱ ବିଧାନସଭାରେ ବିରୋଧୀ ଦଳ ନେତା ଉତ୍ତରତ ବାନାର୍ଜୀ ନେଇଛନ୍ତି । ସୂଚନାଯୋଗ୍ୟ, ସାମ୍ପ୍ରତିକ ନିର୍ବାଚନ ପରେ ମ୍ୟୁନିସିପାଲ କର୍ପୋରେସନ୍‌ର ୱାର୍ଡ ସଂଖ୍ୟା ୧୪୪ରୁ ବୃଦ୍ଧି ପାଇ ୨୦୯ ହୋଇଛି । ତୃଣମୂଳ କଂଗ୍ରେସର ଚାରିଥର ବିଧାୟକ ଉତ୍ତିପ୍ତରା ପିରହାଦ ହାକିମ ସର୍ବଜନାନ ଭାବେ ଘୋଷଣା କରିଛନ୍ତି ଯେ ସେ ଆଗାମୀ ପୌର ନିର୍ବାଚନ ଲଢ଼ିବାକୁ ଚାହୁଁନାହାନ୍ତି । ସେ ଉତତ୍ତର ବାନାର୍ଜୀଙ୍କ ନେତୃତ୍ୱାଧୀନ ଦିହ୍ରୋହୀ ଘୋଷାର ଜଣେ ପ୍ରମୁଖ ଚେହେରା । ହାକିମ ତାଙ୍କ ବଡ଼ ଝିଅ ପ୍ରିୟଦର୍ଶିନୀ ହାକିମଙ୍କୁ ସେ ପୂର୍ବରୁ କାଉନସିଲର ରାବେ ପ୍ରତିନିଧିତ୍ୱ କରୁଥିବା ୱାର୍ଡରୁ ପ୍ରାର୍ଥୀ କରାଯାଇପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଶୋଭନ ଚାଟାର୍ଜୀ ମଧ୍ୟ ଖଣ୍ଡନ କରିଛନ୍ତି । ଏହାପରେ ଚର୍ଚ୍ଚାକୁ ମଧ୍ୟ ବିରାମ ପଡ଼ିଛି । ଏହାବ୍ୟତୀତ ମେୟର-ଇନ୍-କାଉନସିଲର ଅଭିଷେକ ବାନାର୍ଜୀଙ୍କ ଘନିଷ୍ଠ ମଧ୍ୟ ଏଥିରେ ସାମିଲ ରହିଛନ୍ତି । ଏହି ତାଲିକାରେ ଶୋଭନ ଚାଟାର୍ଜୀ ମଧ୍ୟ ଆଗରୁ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଛନ୍ତି । କଉଉର ପୂର୍ବତନ ଡେପୁଟି ମେୟର ଅତୀନ ଘୋଷଙ୍କ ଝେରୁରେ ମଧ୍ୟ ନିର୍ବାଚନ ଲଢ଼ିବା ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି । ସେ ତାର୍ଗ ବର୍ଷ ଧରି ଯେଉଁ ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇ ଆସୁଥିଲେ, ତାହା ଏବେ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଖବର ଅନୁସାରେ, ଘୋଷ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କୁ ଲଢ଼ିଛନ୍ତି ଯେ ସେ ଅନ୍ୟ କୌଣସି ୱାର୍ଡରୁ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ନୁହନ୍ତି । ମେୟର-ଇନ୍-କାଉନସିଲର କେବଳ ଦୁଇଜଣ ପୂର୍ବତନ ସଦସ୍ୟ ସାର୍ବଜନୀନ ଭାବେ ନିର୍ବାଚନ ଲଢ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସେମାନଙ୍କ ମଧ୍ୟରେ ଦକ୍ଷିଣ କୋଲକାତାରୁ ସଦ୍ୟତ ରଞ୍ଜନ ଦତ୍ତ ଏବଂ ଉତ୍ତର କୋଲକାତାରୁ ସ୍ୱପନ ସମାଦାର ଅଛନ୍ତି । ଏହାବ୍ୟତୀତ ଅନ୍ୟ କେତେକ ବରିଷ୍ଠ ପୂର୍ବତନ କାଉନସିଲର ମଧ୍ୟ ପୌର ନିର୍ବାଚନରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ତାଲିକାରେ ଘନଶ୍ୟା ଦାହ, ମନୀଷା ଦତ୍ତ ଏବଂ ଉତ୍ପଳ ଗୁରାଙ୍କ ନାମ ରହିଛି । ଏହି ନେତାମାନେ ସକ୍ରିୟ ରାଜନୀତିରୁ ଓହରିଯିବା ବିଷୟରେ ମଧ୍ୟ କହିଛନ୍ତି ।

ଦିନକରେ ମୁକେଶଙ୍କ ସମ୍ପତି ୮୦,୭୦୦ କୋଟି ବଢ଼ିଲା



ନୂଆଦିଲ୍ଲୀ, ୨/୧୧ (ନ୍ୟୁ.ଏ): ଦୀପାବଳି ପୂର୍ବରୁ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପାଇଁ ଖୁସି ଖବର । ଗିଭାଏନ୍ ଇଣ୍ଡଷ୍ଟ୍ରିଜ୍‌ର ସେୟାର ମୂଲ୍ୟରେ ବଡ଼ଧରଣର ବୃଦ୍ଧି ଯୋଗୁଁ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ପ୍ରାୟ ୮.୫ ବିଲିଅନ ଡଲାର (୮୦,୭୦୦ କୋଟି ଟଙ୍କା) ବଢ଼ିଛି । ଫୋର୍ବସ୍‌ର ରିଅଲ୍ ଟାଇମ୍ ବିଲିୟନେୟାର ତାଲିକା ଅନୁଯାୟୀ, ଏହି ବୃଦ୍ଧି ପରେ ମୁକେଶଙ୍କ ମୋଟ ସମ୍ପତ୍ତି ୮୮.୮ ବିଲିୟନ ଡଲାର (୮.୪୩ ଲକ୍ଷ କୋଟି ଟଙ୍କା)ରେ ପହଂଚିଛି । ଏଥିସହ ସେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ୨୩ତମ ସ୍ଥାନକୁ ଉଠିଛନ୍ତି । ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିରେ ୧୦.୬% ବୃଦ୍ଧି ହୋଇଛି । ସୋମବାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସେୟାର ମୂଲ୍ୟରେ ୭.୫%ରୁ ଅଧିକ ବୃଦ୍ଧି ହୋଇଥିଲା । ଏହା ଗତ ୬ ବର୍ଷରୁ ଅଧିକ ସମୟ ମଧ୍ୟରେ ଗୋଟିଏ ଦିନର ସବୁଠାରୁ ବଡ଼ ବୃଦ୍ଧି । ଜିଏସ୍‌ଟିର ଉଚ୍ଚ ଟ୍ରିମାସିକ ଆର୍ଥିକ ଫଳାଫଳ ଯୋଗୁଁ ନିବେଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିଲା । ଏହାର ପ୍ରଭାବରେ କମ୍ପାନିର ବଜାର ପୁଞ୍ଜି ମୂଲ୍ୟ ମଧ୍ୟ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ବଢ଼ିଥିଲା । ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରିମାସିକରେ ରିଲାଏନ୍ସର ନିଟ୍ ଲାଭ ୪୧% ବଢ଼ି ୨୫,୫୪୮ କୋଟି ଟଙ୍କା ହୋଇଛି । ସେହିପରି କମ୍ପାନିର ରାଜସ୍ୱ ୨୯% ବୃଦ୍ଧି ପାଇ ୩.୩୨ ଲକ୍ଷ କୋଟି ଟଙ୍କାରେ ପହଂଚିଛି । ତୈଳ ବିଶୋଧନ, ପେଟ୍ରୋରସାୟନ ଓ ଟେଲିକମ୍ ବ୍ୟବସାୟର ଭଲ ପ୍ରଦର୍ଶନ କମ୍ପାନିର ଲାଭ ବୃଦ୍ଧିରେ ସହାୟକ ହୋଇଥିଲା ।

ପଦ୍ମ ଧରିଲେ ଆପ୍‌ର ୩ ବିଧାୟକ

ପଞ୍ଜାବ, ୨/୧୧(ନ୍ୟୁ.ଏ): ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଉତ୍ସୁକ୍ତ ମାନ୍ ସରକାରକୁ ବଡ଼ ରାଜନୈତିକ ଝଟକା । ପଞ୍ଜାବ ଆମ୍ ଆଦମୀ ପାର୍ଟିର ୩ ବିଧାୟକ ପଦ୍ମ ଧରିଲେ । ପଞ୍ଜାବରେ ଆଉ କିଛି ବାକି ନାହିଁ ବୋଲି କହିଛନ୍ତି ବିଦ୍ରୋହୀ । ବିଜେପିରେ ସାମିଲ ହେବା ପରେ ମାନ ସରକାରକୁ କଡ଼ା ସମାଲୋଚନା କରିଛନ୍ତି । ନୂଆଦିଲ୍ଲୀରେ ତିନିଜଣ ବିଦ୍ରୋହୀ ବିଧାୟକ ଆନୁଷ୍ଠାନିକ ଭାବେ ରାଜନୀତି ପାର୍ଟିରେ ଯୋଗ ଦେଇଛନ୍ତି । ତିନି ବିଧାୟକ ହେଲେ ଜଗମିତ ସିଂ ପଠାନମାଜରା, ଚେତନ ସିଂ ଜୌରାମାଜରା ଓ କୁଲ୍‌ଦ୍ୱୀପ ସିଂଜୁ ପ୍ରତାପ ସିଂ । ଆପଣା ରାଜ୍ୟ ନିର୍ବାଚନ ପାଇଁ ଆପ୍ ପକ୍ଷରୁ ୪୦ ଜଣିଆ ପ୍ରଥମ ତାଲିକା ଘୋଷଣା ହେବା ପରେ ଦଳ ମଧ୍ୟରେ ଅସନ୍ତୋଷ ତଜମା ସୀମାରେ ପହଂଚିଥିଲା । ଏହି ତାଲିକାରେ କେତେକ ବର୍ତ୍ତମାନର ବିଧାୟକଙ୍କୁ ଟିକେଟ୍ ମିଳି ନଥିଲା । ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହେବା ପରେ ବିଦ୍ରୋହୀ ନେତାମାନେ ଆପ୍ ନେତୃତ୍ୱ ଉପରେ ସିଧାସଳଖ ଆକ୍ରମଣ କରିଥିଲେ । ବର୍ତ୍ତମାନର ପ୍ରଶାସନ ଅଧାନରେ "ପଞ୍ଜାବରେ ଆଉ ପଞ୍ଜାବୀ ସଂସ୍କୃତି ପରମ୍ପରା ବାକି ନାହିଁ" ବୋଲି କହିଛନ୍ତି ଏମାନେ । ରାଜ୍ୟ ସରକାରଙ୍କ ଶାସନ ଶୈଳୀକୁ ବଡ଼ା ସମାଲୋଚନା କରିଛନ୍ତି । ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମାଗତ ଭାବେ ବିଗିଡ଼ିବାରେ ଲାଗିଥିବା ଏବଂ ବ୍ୟାପକ ଭାବେ ବଢୁଥିବା ନିଶା କାରବାରକୁ ନିୟନ୍ତ୍ରଣ କରିବାରେ ମାନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ଆଣିଛନ୍ତି ବିଦ୍ରୋହୀ ବିଧାୟକ ଅଭିଯୋଗ କରିଛନ୍ତି । ଗତ କିଛି ମାସ ମଧ୍ୟରେ ପଞ୍ଜାବ ଆପ୍ ୟୁନିଟ୍ ରୁ କେତେକ ପ୍ରମୁଖ ନେତା ଦଳ ଛାଡ଼ିବା ପରେ ଏହି ନୂଆ ଘଟଣା ସାମ୍ନାକୁ ଆସିଛି । ଅନ୍ୟପଟେ ବିରୋଧୀ ଦଳ ନିର୍ବାଚିତ ସରକାରକୁ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଆପ୍ ଅଭିଯୋଗ କରିଛି ।

ଦୀପାବଳିରେ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟଙ୍କ ଅନୁମତି



ନୂଆଦିଲ୍ଲୀ, ୨/୧୧ (ନ୍ୟୁ.ଏ): ଦୀପାବଳି ପୂର୍ବରୁ ଦି